ବର୍ଷ-୨୬, ସଂଖ୍ୟା-୧୩୬
ଭୁବନେଶ୍ୱର
୨୦, ମଇ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 136
Bhubaneswar
20 May, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

**ସମ୍ବଲପୁରରେ ଦ୍ୱିତୀୟ ଏନକାଉଣ୍ଟର**

## ଅପରାଧୀ ବର୍ଣ୍ଣି ସୁନା ଗୁରୁତର

ସମ୍ବଲପୁର, ୧୯।୫(ମହାଭାରତ: ଅପରାଧୀଙ୍କ ବିରୋଧରେ ସମ୍ବଲପୁର ପୁଲିସ କ୍ରମାଗତ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ବିଗତ ୩୬ ଘଣ୍ଟା ମଧ୍ୟରେ ପୁଲିସ ୨ଜଣ କୁଖ୍ୟାତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିଛି। ଆଜି ସନ୍ଧ୍ୟାରେ ପୁଲିସର ଗୁଳିମାଡରେ ବର୍ଣ୍ଣି ସୁନା ଗୁରୁତର ହୋଇଛି। ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅଧୀନ ମୋଟିବାହାଲ ନିକଟରେ ବର୍ଣ୍ଣି ସୁନାକୁ ପୁଲିସ ଏନ୍‌କାଉଣ୍ଟର କରିଛି।

ପୁଲିସକୁ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଆଜି ସୂଚନା ମିଳିଥିଲା ଯେ, ବର୍ଣ୍ଣି ସୁନା ସୋନପୁର ଅଞ୍ଚଳରୁ ସମ୍ବଲପୁରକୁ ଗଂଜେଇ ଚୋରାଚାଲାଣ କରୁଛି। ସେ ଚାରମାଳ ଥାନା ଅଧୀନ ଜଙ୍ଗଲ ରାସ୍ତାରେ ଅଗ୍ରସର ହେଉଛି। ଏହି ସୂଚନା ଆଧାରରେ ପୁଲିସ ଯୋଜନା ପ୍ରସ୍ତୁତ କରିଥିଲା। ମୋଟିବାହାଲ ଜଙ୍ଗଲ ରାସ୍ତାରେ ସନ୍ଧ୍ୟା ୫ଟା ୪୦ରେ ସନ୍ଦେହରେ ପୁଲିସ ଏକ କାରକୁ ଅଟକାଇଥିଲା। ତେବେ ବର୍ଣ୍ଣି ସୁନା ପୁଲିସକୁ ଖାତିର ନକରି ଘଟଣାସ୍ଥଳରୁ ଚମ୍ପଟ ମାରୁଥିଲା। ଏହି ସମୟରେ ସେ ଗାଡିର ଭାରସାମ୍ୟ ହରାଇଥିଲା। କିନ୍ତୁ ଗାଡିରୁ ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲା। ଏହା ପରେ ପୁଲିସ ଉପରକୁ ଅତର୍କିତ ଭାବେ ଗୁଳି ଚଳାଇଥିଲା। ପୁଲିସ ପାଖରେ ଆତ୍ମସମର୍ପଣ କରିବା ବଦଳରେ ସେ କ୍ରମାଗତ ଗୁଳି ଚାଳନା କରିଥିଲା। ପୁଲିସ ନିଜକୁ ବଞ୍ଚାଇବା ପାଇଁ ଗୁଳିମାଡର ଜବାବ ଦେଇଥିଲା। ପୁଲିସର ଗୁଳିମାଡରେ ବର୍ଣ୍ଣି ସୁନା ଆହତ ହୋଇଥିଲା। ତାକୁ ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭିମସାରକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାସ୍ଥଳରୁ କାର (ଟାଟା ଟିଆଗୋ), ଗଂଜେଇ, ଏଟିଏମ୍ କାର୍ଡ, ନଗଦ ଟଙ୍କା ଏବଂ ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ବର୍ଣ୍ଣି ନାରେ ଚୋରି, ଡକାୟତି, ରାହାଜାନୀ, ଲୁଟ୍ ଆଦି ୧୬ଟି ମାମଲା ଅଛି।



# ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ : କେନ୍ଦ୍ର ଓ ରାଜ୍ୟର ରୋଡମ୍ୟାପ୍

ଭୁବନେଶ୍ୱର,୧୯।୫(ମହାଭାରତ: ପୂର୍ବ ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱରଠାରେ ଆଜି 'ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ -୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ପ୍ରସ୍ତୁତ ହେବ ରୋଡମ୍ୟାପ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ଭାରତରେ କୃଷିର ଭବିଷ୍ୟତ ଓ ଚାଷୀଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ସଂପର୍କରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ କ୍ରାନ୍ତିକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଛନ୍ତି।

କୃଷି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓଡ଼ିଶାର ଚାଷୀ ଓ କୃଷି ବିକାଶର ଭୂୟସୀ ପ୍ରଶଂସା କରିଛନ୍ତି।

## ଚାଷୀ ଆମ ଅନ୍ନଦାତା, ନକଲି ସାର କାରବାର କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ - ଶିବରାଜ ସିଂ ଚୌହାନ

## ପ୍ରତି ବ୍ଲକରେ ଫରଗଟନ ଫୁଡ୍‌ସକୁ କରାଯିବ ପୁନର୍ଜୀବିତ - ମୁଖ୍ୟମନ୍ତ୍ରୀ

ଚଳିତ ବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ସରକାର ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। କୃଷକମାନଙ୍କ ସମ୍ମାନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କୃଷକ ହେଉଛି ଆମର ଅନ୍ନଦାତା ଏବଂ ଯଦି ଏହି ଧରାପୃଷ୍ଠରେ କେହି ଦ୍ୱିତୀୟ ଭଗବାନ ଥାଏ, ତେବେ ସେ ହେଉଛି ଜଣେ କୃଷକ। ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀଙ୍କ ବିକାଶ ପାଇଁ ନିଶ୍ଚିତ ରୂପେ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ ବୋଲି ଶ୍ରୀ ଚୌହାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।




ବର୍ତ୍ତମାନର ବିଶ୍ୱସ୍ତରୀୟ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ପ୍ରାକୃତିକ ଚାଷ ବା 'ନେଚୁରାଲ୍ ଫାର୍ମିଂ' ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଛନ୍ତି। ସେ ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରତିନିଧି ଓ ଚାଷୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ପ୍ରତ୍ୟେକ କୃଷକ ନିଜ ଚାଷ ଜମିର ଅତିକମରେ ପାଞ୍ଚ ଭାଗରୁ ଭାଗେ (୨୦ ପ୍ରତିଶତ) ଜମିରେ ନିଶ୍ଚିତ ଭାବେ ପ୍ରାକୃତିକ ଚାଷ କରିବା ଆବଶ୍ୟକ। ଏହାଦ୍ୱାରା ରାସାୟନିକ ସାରର ଆବଶ୍ୟକତା ଧୀରେ ଧୀରେ ହ୍ରାସ ପାଇବ ଏବଂ ମାଟିର ଉର୍ବରତା ବଜାୟ ରହିବ। ଏଥିସହ ନକଲି ସାର ଓ କୀଟନାଶକ କାରବାର କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କେନ୍ଦ୍ର ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ଏବଂ ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ ଏକ ନୂଆ 'ପେଷ୍ଟିସାଇଡ୍ ଆକ୍ଟ' ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ ମାଟିର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇ କହିଛନ୍ତି, ଯେ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ବ୍ୟବହାର କରାଯାଉଛି। ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହାସହ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିସମର ପାରମ୍ପରିକ ଖାଦ୍ୟ ଶସ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକ ସ୍ତରରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଉଥିବା ସଂପର୍କରେ ସେ ସୂଚନା ଦେଇଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୋହରାଇ ସେ କେମିକାଲ୍ ସାରର ବ୍ୟବହାର କମାଇବାକୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରିଛନ୍ତି।

ଓଡ଼ିଶା ସରକାର ଚାଷୀଙ୍କୁ ଆର୍ଥିକ ମୁଖ୍ୟଧାରାକୁ ଆଣିବା ପାଇଁ ନେଇଥିବା ଐତିହାସିକ ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ସମୃଦ୍ଧ କୃଷକ ଯୋଜନା'ରେ ଚାଷୀଙ୍କୁ ବଡ଼ ଆଶ୍ୱାସନା ଦେଇ ପ୍ରତି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ଧାନ କିଣାଯାଉଛି, ଯାହାଦ୍ୱାରା ଗତ ଖରିଫ୍ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀ ସିଧାସଳଖ ଉପକୃତ ହୋଇଛନ୍ତି। ଏହା ବ୍ୟତୀତ 'ସିଏମ କିଷାନ' ଯୋଜନା ମାଧ୍ୟମରେ ୫୧ ଲକ୍ଷରୁ ଅଧିକ ଚାଷୀଙ୍କୁ ବାର୍ଷିକ ୪,୦୦୦ ଟଙ୍କା ଦିଆଯାଉଛି, ଯାହା କେନ୍ଦ୍ର ସରକାରଙ୍କ ପିଏମ କିଷାନ ସହିତ ମିଶି ଚାଷୀଙ୍କ ହାତରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପହଞ୍ଚାଉଛି। ଚାଷୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ଅଂଶର ସମ୍ପୂର୍ଣ୍ଣ ପ୍ରିମିୟମ ରାଜ୍ୟ ସରକାର ନିଜେ ବହନ କରୁଥିବା ସେ ପ୍ରକାଶ କରିଛନ୍ତି।

ରାଜ୍ୟରେ କୃଷି ଭିତ୍ତିଭୂମି ଓ ବଜାର ସଂଯୋଗୀକରଣକୁ ମଜବୁତ କରିବା ପାଇଁ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି। ରାଜ୍ୟର ସମସ୍ତ ୫୮ଟି ସବ୍-ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରାଯାଇଛି ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ କୃଷି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ଓଡ଼ିଶାରେ ୧୮୦୦ରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ସଫଳତାର ସହ କାର୍ଯ୍ୟ କରି ଗତ ଦୁଇ ବର୍ଷରେ ୧୨୬ କୋଟି ଟଙ୍କାର କାରବାର କରିଛନ୍ତି।

## ଇବୋଲା ମୃତ୍ୟୁ ୧୩୧

କିନ୍‌ସାସା୧୯।୫(ମହାଭାରତ: ସରକାରଙ୍କ ବିଳମ୍ବ ପ୍ରତିକ୍ରିୟା ବିଷୟରେ ବିବରଣୀ ପ୍ରକାଶ ପାଇବା ପରେ କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଙ୍ଗଳବାର ଦିନ କହିଛି ଯେ, ପୂର୍ବ କଙ୍ଗୋରେ ଇବୋଲା ୧୩୧ ଜଣଙ୍କର ମୃତ୍ୟୁ ଘଟିଛି। ୫୧୩ ସନ୍ଦିଗ୍ଧ ମାମଲା ରିପୋର୍ଟ କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ମନ୍ତ୍ରୀ ସାମୁଏଲ୍ ରୋଜର କାମ୍ବା କହିଛନ୍ତି। ଏଗୁଡ଼ିକ ସନ୍ଦେହଜନକ ମୃତ୍ୟୁ, ଏବଂ କେଉଁଗୁଡ଼ିକ ପ୍ରକୃତରେ ଏହି ରୋଗ ସହିତ ଜଡିତ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ରବିବାର ଦିନ ଡବ୍ଲୁଏଚ୍‌ଓ ଇବୋଲା ପ୍ରକୋପକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲା।ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଶୁକ୍ରବାର ଦିନ ପ୍ରଥମେ ନିଶ୍ଚିତ ହୋଇଥିବା ବର୍ତ୍ତମାନର ପ୍ରକୋପ ବୁଣ୍ଡିବୁଗ୍ୟୋ ଭାଇରସ ଯୋଗୁଁ ହୋଇଛି, ଏହା ଇବୋଲା ରୋଗର ଏକ ବିରଳ ଭାରିଆଣ୍ଟ ଯାହାର କୌଣସି ଅନୁମୋଦିତ ଚିକିତ୍ସା କିମ୍ବା ଟୀକା ନାହିଁ। କଙ୍ଗୋ ଏବଂ ଉଗାଣ୍ଡାରେ ୨୦ ରୁ ଅଧିକ ଥର ଇବୋଲା ସଂକ୍ରମଣ ଘଟିଛି। ତେବେ ତୃତୀୟ ଥର ପାଇଁ ଏହା ବୁଣ୍ଡିବୁଗ୍ୟୋ ଭାଇରସ ବୋଲି ଚିହ୍ନଟ ହୋଇଛି। ଉତ୍ତର କିଭୁର ବିଦ୍ରୋହୀ ରାଜଧାନୀ ଗୋମା, ମୋଙ୍ଗବାଲୁ, ବୁଟେମ୍ବୋ ଏବଂ ନାଇକୁଣ୍ଡେରେ ବୁନିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର,୧୯।୫(ମହାଭାରତ: ଭିଜିଲାନ୍ସ ଜାଲରେ ପଡିଛନ୍ତି କଳାହାଣ୍ଡି ଜିଲ୍ଲା ଧର୍ମଗଡ ଆର୍ ଆଣ୍ଡ ବି ସବ୍-ଡିଭିଜିନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର। ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଓ ତାଙ୍କ ପରିବାର ଲୋକଙ୍କ ନାଁରେ ୪ଟି ଦ୍ୱିମହଲା କୋଠା, ୩୩ଟି ପ୍ଲଟ୍, ଗୋଟିଏ ଫାର୍ମ ହାଉସ ଓ ଗୋଟିଏ ମାର୍କେଟ୍ କଂପ୍ଲେକ୍ସ ରହିଛି। ଏହା ବ୍ୟତୀତ ଅନ୍ୟାନ୍ୟ ସଂପତ୍ତି ରହିଛି।

୪ଟି ଦ୍ୱିମହଲା କୋଠା ମଧ୍ୟରୁ ଦୁଇଟି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୁସୁମଖୁଣ୍ଟିରେ ରହିଛି। ସେଥିରୁ ଗୋଟିଏ ୨୬୨୫ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଥିବା ବେଳେ ଅନ୍ୟଟି ୧୩୦୦ ବର୍ଗଫୁଟ୍ ଅଞ୍ଚଳରେ ରହିଛି। ସେହିପରି କୋକସରାରର ମୋଟେର ଛକରେ ତାଙ୍କର ଗୋଟିଏ ଦ୍ୱିମହଲା କୋଠା ରହିଛି, ଯାହା ୪୨୨୮ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି। ଅନ୍ୟ କୋଠାଟି ଭବାନୀପାଟଣା ସହରର ଗୋସାଣିମୁଣ୍ଡାରେ ରହିଛି, ଯାହାକୁ ୪୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ କରାଯାଇଛି।

କୋକସରାରେ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କର ଏକ ମାର୍କେଟ କଂପ୍ଲେକ୍ସ ଅଛି। ଏହି ମାର୍କେଟ କଂପ୍ଲେକ୍ସରେ ୮ଟି କ୍ୟାବିନ୍ ଅଛି। ସେହିପରି ଭବାନୀପାଟଣା ସହର ନିକଟସ୍ଥ କିଟପଦରଠାରେ



**୪ କୋଠା, ୬୫ ପ୍ଲଟ୍, ଗୋଟିଏ ମାର୍କେଟ କଂପ୍ଲେକ୍ସ ଓ ୯ ଏକରର ଫାର୍ମ ହାଉସ**

ତାଙ୍କର ଏକ ଫାର୍ମ ହାଉସ ରହିଛି। ୯ ଏକରରୁ ଅଧିକ ଜାଗା ଉପରେ ଏହି ଫାର୍ମ ହାଉସ୍ ରହିଛି। ଭବାନୀପାଟଣା ଓ କୋକସରା ଉପକଣ୍ଠରେ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଶବରଙ୍କର ୩୩ଟି ପ୍ଲଟ୍ ରହିଛି। ଏହି ସମସ୍ତ ପ୍ଲଟ୍‌ର ମୋଟ ଜାଗା ମିଶି ୩୯ ଏକର ୬୪ ଡିସିମିଲ ହେଉଛି। ଏସବୁ ବାଦ୍ ତାଙ୍କର ଗୋଟିଏ ଚାରି ଚକିଆ ଗାଡି (ହ୍ୟୁଣ୍ଡାଇ କ୍ରେଟା) ଅଛି। ବ୍ୟାଙ୍କ ଓ ଡାକଘର ସହିତ ସେ ଅନ୍ୟାନ୍ୟ ସ୍ଥାନରେ ନିବେଶ କରିଛନ୍ତି, ଯାହାର ଖୋଳତାଡ ଜାରି ରହିଛି। ଏହି ସମସ୍ତ ଘର ଓ ପ୍ଲଟ୍ ସହିତ ଫାର୍ମ ହାଉସ୍ ଏବଂ ମାର୍କେଟ କଂପ୍ଲେକ୍ସର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି।

ଭୁବନେଶ୍ୱର ଶବର ୧୯୯୯ ମସିହାରେ ୬୦୦୦ ଟଙ୍କାରେ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୯ ଜୁଲାଇ ୧ ତାରିଖରେ କୋରାପୁଟ ଆର ଆଣ୍ଡ ବି ଡିଭିଜନ ଅଧୀନ ସୁନାବେଡା ସେକ୍ସନରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ୨୦୦୩ ମସିହା ପର୍ଯ୍ୟନ୍ତ ରହିଥିଲେ। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ସେ ନବରଙ୍ଗପୁର ଆର ଆଣ୍ଡ ବି ସେକ୍ସନରେ କାର୍ଯ୍ୟ କରିଥିଲେ। ୨୦୦୭ ରୁ ୨୦୧୩ ପର୍ଯ୍ୟନ୍ତ ସେ ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ କାର୍ଯ୍ୟ କରିଥିଲେ। ୨୦୧୩ରେ ସେ ସହାକରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ସେହି ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ ଅବସ୍ଥାପିତ ହୋଇଥିଲେ। ପରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଇରର) ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ ଆର ଆଣ୍ଡ ବି ସବ୍-ଡିଭିଜନରେ ନିଯୁକ୍ତ ହୋଇଥିଲେ। ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ସେ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରେ ସେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ ଆର ଆଣ୍ଡ ବି ସବ୍-ଡିଭିଜନରେ କାର୍ଯ୍ୟ ଜାରି ରଖିଥିଲେ। ଏବେ ସେ ସେଠାରେ କାର୍ଯ୍ୟରତ ଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇ ଆସୁଛନ୍ତି।

## ବ୍ରହ୍ମପୁରରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ

ବ୍ରହ୍ମପୁର,୧୯।୫(ମହାଭାରତ):ବ୍ରହ୍ମପୁର ସହରରେ ପୋଲିସକୁ ଖାତିର ନ କରି ଅପରାଧୀମାନେ ପୁଣି ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ସୋମବାର ରାତି ୯ଟାରେ ବିଜିପୁରର ଉମେଶ ରଥ ତାଙ୍କ ସ୍ତ୍ରୀଙ୍କୁ ଧରି ବାଇକ୍‌ରେ ଯାଉଥିବା ବେଳେ ଗିରିରୋଡ୍ ମୁହାଁ ରାସ୍ତାରେ ତାଙ୍କୁ କେତେଜଣ ଦୁର୍ବୃତ୍ତ ଅଟକାଇ ବାଉଁଶରେ ପିଟିଛନ୍ତି। ସ୍ୱାମୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବା ବେଳେ ସ୍ତ୍ରୀ ଗାୟତ୍ରୀ ରଥ ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉମେଶଙ୍କ ଶରୀରର ଅନେକ ସ୍ଥାନରେ କ୍ଷତ ହୋଇଛି। ସେ ଏବେ ଏମ୍‌କେସିଜି ମେଡିକାଲ କାଜୁଆଲିଟିରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଗେଟ୍ ଥାନା ଓ ଗୋଷାଣି ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରୁଛି।

## ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର

ଭୁବନେଶ୍ୱର,୧୯।୫(ମହାଭାରତ):ପ୍ରବଳ ତାତିରେ ଆଉଟୁପାଉଟୁ ହେଉଛି ସାରା ରାଜ୍ୟ। ଆଜି ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରେକର୍ଡ କରାଯାଇଛି। ୪୪.୮ ଡିଗ୍ରୀ ସେଲସିୟସ ସହ ଝାରସୁଗୁଡା ହୋଇଛି ସବୁଠୁ ଉତ୍ତପ୍ତ ସହର।



ହୀରାକୁଦରେ ଆଜି ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁର ଓ ଅନୁଗୋଳରେ ୪୩.୬ ଡିଗ୍ରୀ, ବୌଦ୍ଧ ଓ ତାଳଚେରରେ ୪୩, ସୋନପୁରରେ ୪୨.୬, ଟିଟିଲାଗଡରେ ୪୨.୩, ବଲାଙ୍ଗିରରେ ୪୨.୨, ନୟାଗଡରେ ୪୧.୯, ସୁନ୍ଦରଗଡରେ ୪୧.୮, ଭବାନୀପାଟଣାରେ ୪୧.୫ ଓ ବରଗଡରେ ୪୧ ଡିଗ୍ରୀ ରେକର୍ଡ କରାଯାଇଛି।ଭଦ୍ରକରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୪୦.୧ ଓ ରାଉରକେଲା ୪୦ ଡିଗ୍ରୀ ରହିଥିଲା। ସେହିପରି ପାରଳାଖେମୁଣ୍ଡି ଓ ନୂଆପଡାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା।

## ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ଆଉ ୨ ଗିରଫ

ଭୁବନେଶ୍ୱର,୧୯।୫(ମହାଭାରତ:ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ପିଟି ମାରି ଦେବା ଘଟଣାରେ କ୍ରାଇମ ବ୍ରାଞ୍ଚ ଆଉ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ମଧ୍ୟ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇଛି କ୍ରାଇମ ବ୍ରାଞ୍ଚ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ପଞ୍ଚାନନ ବଡଜେନା ଓରଫ କାଳିଆ ଓ ରଞ୍ଜିତ ରଣା। କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ ତଦନ୍ତ ବେଳେ ଯଥେଷ୍ଟ ପ୍ରମାଣ ମିଳିବା ପରେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ବଡଜେନା ଓରଫ କାଳିଆ ଓ ରଞ୍ଜିତ ରଣାଙ୍କୁ ନୟାଗଡର ରଣପୁର ଜଙ୍ଗଲରୁ ଗିରଫ କରାଯାଇଛି। ଏହି ମାମଲାରେ ଏଯାବତ୍ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ସ୍ଥାନୀୟ ପୁଲିସ ଗିରଫ କରିଥିଲା। ପଞ୍ଚାନନ ବଡଜେନା ଓରଫ କାଳିଆ ଓ ରଞ୍ଜିତ ରଣାଙ୍କ ପୂର୍ବରୁ ରଞ୍ଜିତ ପାତ୍ର ଓରଫ ଚିନୁ (୨୪)ଙ୍କୁ ଗିରଫ କରିଥିଲା କ୍ରାଇମ ବ୍ରାଞ୍ଚ। ତାଙ୍କ ଘର କଟକ ସଦର ଥାନା ଗଙ୍ଗେଶ୍ୱରଗଡରେ। ସୌମ୍ୟଙ୍କ ଗୋଡ ଓ ହାତକୁ ରଶିରେ ବନ୍ଧା ଯାଇଥିବା ବେଳେ ରଞ୍ଜିତ ତାଙ୍କ ମୁଣ୍ଡକୁ ବାଉଁଶରେ ପିଟି ଥିବା ନେଇ ପ୍ରମାଣ ରହିଥିବା କ୍ରାଇମ ବ୍ରାଞ୍ଚ କହିଛି। ତାଙ୍କୁ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଥିଲା କ୍ରାଇମ ବ୍ରାଞ୍ଚ। ତା' ପୂର୍ବରୁ ମେ' ୧୧ ତାରିଖରେ ଜଣେ ଅଭିଯୁକ୍ତ ଯୁଧିଷ୍ଠିର ଜେନା ଓରଫ ବର୍ଣ୍ଣି (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା କ୍ରାଇମ ବ୍ରାଞ୍ଚ।

## ଆଜି ବନ୍ଦ ରହିବ ରାଜ୍ୟର ସବୁ ଔଷଧ ଦୋକାନ

### ମୁକାବିଲା ପାଇଁ ସରକାରଙ୍କ ୭ ସୂତ୍ରୀ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୫(ମହାଭାରତ): ଅନଲାଇନ ମେଡିସିନ୍ ବିକ୍ରି ପ୍ରତିବାଦରେ ଆସନ୍ତାକାଲି ଓଡିଶା ସମେତ ସମଗ୍ର ଦେଶରେ ମେଡିସିନ୍ ଷ୍ଟୋରଗୁଡିକ ବନ୍ଦ ରହିବ। ଅଲଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରାକୁ ଉତ୍କଳ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ଆସୋସିଏସନ୍ ସମର୍ଥନ ଜଣାଇ ରାଜ୍ୟର ପ୍ରାୟ ୩୦ହଜାର ଔଷଧ ଦୋକାନକୁ ବନ୍ଦ ରଖିବାକୁ ଘୋଷଣା କରିଛି। ଏହି ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସାଧାରଣ ଲୋକ ଓ ଗୁରୁତର ରୋଗୀ ଯେଭଳି ହଇରାଣ ନହେବ ସେଥିପାଇଁ ୭ସୂତ୍ରୀ ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି।ଭୁବନେଶ୍ୱରସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସବୁ ଡ୍ରଗ୍ସ ଇନ୍ସପେକ୍ଟର ଓ ସହକାରୀ ଡ୍ରଗ୍ସ ନିୟନ୍ତ୍ରକମାନଙ୍କୁ ସୋମବାର ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖି ସାତ ସୂତ୍ରୀ ଜରୁରୀକାଳୀନ ନିର୍ଦ୍ଦେଶାବଳୀକୁ ଅନୁପାଳନ ନିମନ୍ତେ କୁହାଯାଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନା ଏବଂ କ୍ଲିନିକାଲ ପ୍ରତିଷ୍ଠାନ ସହିତ ଜଡିତ ଥିବା ୨୪ଘଣ୍ଟିଆ ଇନହାଉସ ଫାର୍ମାସି ଓ ମେଡିସିନ ଷ୍ଟୋରଗୁଡିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବାକୁ କୁହାଯାଇଛି। ଜନସାଧାରଣଙ୍କ ଅଧିକ ଚାହିଦାକୁ ଦୃଷ୍ଟିରେ ରଖି ଏହି ଦୋକାନଗୁଡିକରେ ପର୍ଯ୍ୟାପ୍ତ ପରିମାଣର ଅତିରିକ୍ତ କର୍ମଚାରୀ ନିୟୋଜିତ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି।



ଏହା ସହିତ ସମସ୍ତ ଅଧିକାରୀ ନିଜ ନିଜ କ୍ଷେତ୍ରରେ ଜୀବନ ରକ୍ଷାକାରୀ ଓ ଅତ୍ୟାବଶ୍ୟକ ଔଷଧର ଉପଲବ୍ଧତା ଉପରେ ତୀକ୍ଷ୍ଣ ନଜର ରଖିବେ। ଆବଶ୍ୟକ ପଡିଲେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି କେତେକ ନିର୍ଦ୍ଦିଷ୍ଟ କେମିଷ୍ଟ ଦୋକାନ ଖୋଲିବା ଓ ସେଗୁଡିକର ସୁରୁଖୁରୁରେ ପରିଚାଳନା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। କେବଳ ସେତିକି ନୁହେଁ, ବନ୍ଦ ପୂର୍ବରୁ ଯେପରି ଖୁଚୁରା ବ୍ୟବସାୟୀଙ୍କ ପାଖରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରହିବ, ସେଥିପାଇଁ ହୋଲସେଲର ଓ ବିତରକମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶ ଦେଇଛନ୍ତି।

## ବାଲି ମାଫିଆଙ୍କ ଗୁଣ୍ଡାରାଜ

### ଥାନା ଅଧିକାରୀଙ୍କୁ ପଥର ମାଡ କରି ଛଡାଇନେଲେ ବାଲି ବୋଝେଇ ଟ୍ରାକ୍ଟର

ଢେଙ୍କାନାଳ,୧୯।୫(ମହାଭାରତ: ଥାନା ଅଧିକାରୀ ଓ ତାଙ୍କ ଟିମ୍ ଉପରକୁ ପଥର ମାଡ କରି ବାଲି ବୋଝେଇ ଟ୍ରାକ୍ଟର ଛଡାଇ ନେଲେ ବାଲି ମାଫିଆ। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମରେ ଘଟିଛି ଏହି ଘଟଣା।

ରାତି ସାରା ବେଧଡକ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଆଜି ସକାଳ ପ୍ରାୟ ୫ଟା ବେଳେ ଭୁବନ ଥାନାଧିକାରୀ ରେଣୁବାଳା ସାହୁ ଓ ତାଙ୍କ ଟିମ୍ ମହୁଲପାଳ ସ୍ଥିତ କଣପାଳ ବେଆଇନ ବାଲି ଖାଦାନ ଉପରେ ଚଢ଼ାଉ କରିଥିଲେ।



ବାଲି ଖାଦାନରୁ ଦୁଇଟି ବେଆଇନ ବାଲି ଟ୍ରାକ୍ଟରକୁ ପିଛା କରିଥିଲା ପୁଲିସ ଟିମ୍। ମୃଦଙ୍ଗା ଗ୍ରାମ ଶିବ ମନ୍ଦିର ନିକଟରେ ପୁଲିସ ଓ ବାଲି ମାଫିଆଙ୍କ ମଧ୍ୟରେ ହୋଇଥିଲା ମୁହାଁମୁହିଁ। ବାଲି ମାଫିଆ ପୁଲିସ ଉପରକୁ ଆକ୍ରମଣ କରି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଖସେଇ ନେବାରେ ସକ୍ଷମ ହୋଇଥିଲେ। ସେମାନେ ପୁଲିସ ଟିମ୍ ଉପରକୁ ପଥରମାଡ କରିଥିଲେ। ଏମିତିକି ସେମାନେ ଥାନାଧିକାରୀ ରେଣୁବାଳା ସାହୁଙ୍କ ବାମ ହାତକୁ ମୋଡି ଦେଇଥିଲେ ବୋଲି ଜଣାପଡିଛି। ଏହି ଘଟଣାରେ ବାଲି ମାଫିଆ ଭରତ ଚନ୍ଦ୍ର ଦାଶ ସହିତ ଗାଡି ମାଲିକ ଦେବାଶିଷ ଦାସଙ୍କୁ ଅଟକ ରଖିଛି ଭୁବନ ପୁଲିସ। କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିତ୍ତରଞ୍ଜନ ବେହେରା ଘଟଣାର ତଦନ୍ତ କରୁଛନ୍ତି।

## ଚିକେନ ଗୁପଚୁପ

ଆବଶ୍ୟକ ସାମଗ୍ରୀ : ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆ।ଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ। ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ। ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ ଯ ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁଯ ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟରେ ଥିବା ଚିକେନ୍ ପକାଇ କଷନ୍ତୁ। ଗ୍ୟାସକୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା। ଏହାପରେ ପୁଦିନା ପତ୍ର,ରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି। ଏହା ପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ। ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁଯ ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ।



**ଖବର**

# ରାସ୍ତା ମଝିରେ ବେସାହାରା ଅବସ୍ଥାରେ ସିନିୟର ଅଭିନେତ୍ରୀ ଶ୍ୟାମଳା





ସିନିଅର ତେଲୁଗୁ ଅଭିନେତ୍ରୀ ପାଭାଲା ଶ୍ୟାମଳା ୧୯୮୫ ମସିହାରୁ ଅନେକ ଫିଲ୍ମରେ ସପୋର୍ଟିଂ ଭୂମିକାରେ ଅଭିନୟ କରି ଆସୁଛନ୍ତି। କିନ୍ତୁ ଗତ କିଛି ବର୍ଷ ଧରି ଏହି ଅଭିନେତ୍ରୀ ଜଣକ କଷ୍ଟ କରିଆସୁଛନ୍ତି। କାହିଁକିନା ଆର୍ଥିକ ଭାବେ ସେ ସଂଘର୍ଷ କରିଆସୁଥିଲେ।ରିପୋର୍ଟ ଅନୁଯାୟୀ ଟଙ୍କା କମ୍ ପଡିବାରୁ ମଧ୍ୟ ହସ୍ପିଟାଲ ତାଙ୍କୁ ଫେରାଇ ଦେଇଥିଲା। ଡ୍ରାଇଭର ତାଙ୍କୁ ଡେରି ରାତିରେ ଏକ ଛକରେ ଛାଡି ଦେଇଥିଲେ।ସହି ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ଲୋକମାନେ ତାଙ୍କୁ ରାସ୍ତାରେ ଫସି ରହିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଆରକେ ଫାଉଣ୍ଡେସନକୁ ନେଇଯାଇଥିଲା। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଡ୍ୟୁସର ରାଜୁ ସାହାଯ୍ୟ ପାଇଁ ଆଗେଇ ଆସିଥିଲେ।ଡାକ୍ତରଙ୍କ ସହ ପରାମର୍ଶ କରି ଶ୍ୟାମଳାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ରାଜୁ ତାଙ୍କ ଦଳକୁ ହସ୍ପିଟାଲ ପଠାଇଥିଲେ ଯ ଯେଉଁଥି ପାଇଁ ଶ୍ୟାମଳା ଏବଂ ତାଙ୍କ ଝିଅ ଭାବ ପ୍ରବଣ ହୋଇ ପ୍ରଡ୍ୟୁସରଙ୍କୁ ଧନ୍ୟବାଦ ଜଣାଇଥିଲେ।ଏହାରି ମଧ୍ୟରେ ଆରକେ ଫାଉଣ୍ଡେସନର ଡାକ୍ତର ରାମକୃଷ୍ଣ ଡିଜିଟାଲ୍ କହିଛନ୍ତି ଯେ, ଗତ ୨ ରୁ ୩ ବର୍ଷ ଧରି ଅଭିନେତ୍ରୀ ଆମ ଫାଉଣ୍ଡେସନରେ ମାଗଣା ଚିକିତ୍ସା ପାଉଛନ୍ତି। କିନ୍ତୁ ଆମ ଫାଉଣ୍ଡେସନରେ ହାର୍ଟ ରୋଗର ଚିକିତ୍ସା ପାଇଁ ବିଶେଷ ସୁବିଧା ନଥିବାରୁ ତାଙ୍କୁ ବାହାରକୁ ଯିବାକୁ ପଡିଲା। ଏଥିସହ ୨୦୨୧ ମସିହାରେ ରାଜ ନିଦିମୋରୁ ଏବଂ କୃଷ୍ଣା ଡିକେ ବରିଷ୍ଠ ଅଭିନେତ୍ରୀଙ୍କୁ ସାହାଯ୍ୟ କରିବାକୁ ପ୍ରଶଂସକମାନଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ନିବେଦନ କରିଥିଲେ ଏବଂ ଦୟନୀୟ ସ୍ଥିତି ସମ୍ପର୍କରେ ଜଣାଇଥିଲେ। ସେମାନେ ମିଲାପ ପ୍ଲାଟଫର୍ମ ଦ୍ୱାରା ସାହାଯ୍ୟ ବଟି ସଂଗ୍ରହ କରି ଶ୍ୟାମଳାଙ୍କୁ ଚଳିବାକୁ ଦେଇଥିଲେ ଯ ବର୍ଷ ବର୍ଷ ଧରି, ସାଇ ଦୁର୍ଗା ତେଜ, ଚିରଞ୍ଜିବୀ, ପବନ କଲ୍ୟାଣ ଏବଂ ଆଲ୍ଲୁ ଅର୍ଜୁନଙ୍କ ପରି ଅଭିନେତାମାନେ ମଧ୍ୟ ସେମାନଙ୍କର ସମର୍ଥନ କରିଥିଲେ।

# ଅଦାର ଉପକାରୀ ଗୁଣ



ଆପଣମାନେ ସମସ୍ତେ ଜାଣନ୍ତି ଯେ ଅଦା ଏକ ଏପରି ମସଲା ଯାହା କେବଳ ତରକାରୀକୁ ସୁଆଦିଆ କରେ ନାହିଁ, ବରଂ ଏଥିରେ ବହୁ ଉପକାରୀ ଗୁଣ ମଧ୍ୟ ରହିଛି। ଅଦାରୁ ଶରୀରକୁ ପୋଷଣ ମିଳିଥାଏ। ଏହା ଶରୀର ପାଇଁ ଖୁବ ଭଲ। ବିଶେଷକରି ମସ୍ତିଷ୍କ ପାଇଁ ଅଦା ଅତି ଭଲ ହୋଇଥାଏ। ଏହାକୁ ଅନେକ ପ୍ରକାର ମସଲାରେ ବ୍ୟବହାର କରି ହେବ। ପ୍ରତିଦିନ ଅଦା ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅଦା ଖାଇବା ଦ୍ୱାରା ଶରୀରରୁ ଝାଳ ବୋହିବା କମ୍ ହୋଇଥାଏ। ଏହା ବ୍ୟକ୍ତିକୁ ଯୁବା ଦିଶେଇବାରେ ସହାୟ ହୁଏ। ରୀତିମତ ଅଦା ଖାଉଥିବା ବ୍ୟକ୍ତିଙ୍କୁ ସକାଳୁଆ ଆଳସ୍ୟ ଲାଗେ ନାହିଁ। ବିଶେଷ କରି ମହିଳାମାନଙ୍କୁ ଗର୍ଭବତୀ ଥିବା ସମୟରେ ଯେଉଁଭଳି ମାନ୍ଦା ଅନୁଭୂତ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ହୋଇଥାଏ। ଗଣ୍ଠିମୁଣ୍ଡରେ ଯେଉଁ ଯନ୍ତ୍ରଣା ଅନୁଭବ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ଜଣାଯାଏ। ଏହା ହୁଏତ ତୁରନ୍ତ ଅନୁଭୂତ ନ ହୋଇପାରେ ମାତ୍ର ସବୁଦିନ ପାଇଁ ଯନ୍ତ୍ରଣାକୁ ଦୂରେଇ ଦେଇପାରେ ଅଦା। ହୃଦ୍‌ରୋଗୀଙ୍କ ପାଇଁ ମଧ୍ୟ ଅଦା ଖୁବ୍ ଭଲ ହୋଇଥାଏ। ଗବେଷକମାନଙ୍କ କହିବା ଅନୁଯାୟୀ ଦିନକୁ ୨ ଗ୍ରାମ୍ ଅଦା ଖାଇବା ଦ୍ୱାରା ରକ୍ତରୁ ସର୍କରା ସ୍ତର ୧୦ ପ୍ରତିଶତ କମ୍ ହୋଇଥାଏ। ମହିଳାମାନଙ୍କ ମାସିକଧର୍ମ ସମୟର ଯନ୍ତ୍ରଣା ମଧ୍ୟ ଅଦା ଖାଇବା ଦ୍ୱାରା କମ୍ ହୋଇଥାଏ। ଏହାର କୌଣସି ପାର୍ଶ୍ୱ ପ୍ରଭାବ ମଧ୍ୟ ନାହିଁ। ଶରୀରରୁ ଚର୍ବି ଖସାଇବାରେ ଅଦାର ଭୂମିକା ଅତୁଳନୀୟ। ରୀତିମତ ଅଦା ଖାଇବା ଅଭ୍ୟାସ କଲେ ଶରୀରରେ ଥିବା ଅତିରିକ୍ତ ଚର୍ବି ହ୍ରାସ୍ ପାଇଥାଏ।

# ଘରେ ପ୍ରସ୍ତୁତ କରନ୍ତୁ ଜେଲ୍ ଆଇଲାଇନର

ମାର୍କେଟରେ ମିଳୁଥିବା ଜେଲ୍ ଆଇଲାଇନର୍ ବ୍ୟବହାର କରିବା ବଦଳରେ ଘରେ ତିଆରି କରି ଆଇଲାଇନର୍ ଲଗାନ୍ତୁ। ଏହା ଆଖିର ଯତ୍ନ ଅଧିକ ନେଇଥାଏ। କେବଳ ଆପଣ ସାଦାସିଧା କଳା ରଙ୍ଗର ଜେଲ୍ ଆଇଲାଇନର୍ ନୁହେଁ ବରଂ ବିଭିନ୍ନ ରଙ୍ଗର ଆଇଲାଇନର୍ ଘରେ ସହଜରେ ତିଆରି କରିପାରିବେ। ଆଇଲାଇନର୍ ତିଆରି କରିବା ପାଇଁ କଳା କିମ୍ବା ଅନ୍ୟ କିଛି ରଙ୍ଗର ଆଇସ୍ୟାଡୋ, ଏକ ଛୋଟ ପାତ୍ର, ଆଇ ପ୍ରାଇମର୍ ଏବଂ ନଡ଼ିଆ ତେଲ ଆବଶ୍ୟକ। ଆଇଲାଇନର୍ ତିଆରି କରିବା ପାଇଁ କଳା ଆଇସ୍ୟାଡୋ ବ୍ୟବହାର କରାଯାଏ, କିନ୍ତୁ ଯଦି ଆପଣ କଲର୍‌ଫୁଲ୍ ଆଇଲାଇନର୍ ତିଆରି କରିବାକୁ ଚାହୁଁଥାଆନ୍ତି ତେବେ ମନପସନ୍ଦର ଆଇସ୍ୟାଡୋ ବ୍ୟବହାର କରିପାରିବେ।

ହୋମ୍ ମେଡ୍ ଜେଲ୍ ଆଇଲାଇନର୍ ତିଆରି କରିବା ପାଇଁ ସବୁଠୁ ପ୍ରଥମେ କଳା ଆଇସ୍ୟାଡୋକୁ ଗୁଣ୍ଡ କରି ପାତ୍ରରେ ରଖନ୍ତୁ। ଏବେ ଏଥିରେ ସାମାନ୍ୟ ପ୍ରାଇମର୍ ମିଶାନ୍ତୁ, ସେପର୍ଯ୍ୟନ୍ତ ମିଶାନ୍ତୁ ଯେପର୍ଯ୍ୟନ୍ତ ଏହା ଏକାଠି ହୋଇନଯାଇଛି। ଏବେ ଏଥିରେ କିଛି ଟୋପା ନଡ଼ିଆ ତେଲ ମିଶାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆଇଲାଇନର୍।

ଘରେ ଏଭଳି ଅଲଗା ଅଲଗା ରଙ୍ଗର ଆଇଲାଇନର୍ ତିଆରି କରିପାରିବେ, ଯାହା ମାର୍କେଟ୍‌ରେ ସହଜରେ ମିଳିପାରିନଥାଏ। ଘରେ ତିଆରି ଏହି ଜେଲ୍ ଆଇଲାଇନର୍ ଭଲ ଲୁକ୍ ଦେବା ସହ ଆଖିର ସୁନ୍ଦରତା ବଢ଼ାଇଥାଏ। ଏଥିସହ ଅତି କମ୍‌ରେ ୭-୮ ଘଣ୍ଟା ପର୍ଯ୍ୟନ୍ତ ଆଖିରେ ରହିଥାଏ।

ଆଇଲାଇନର୍ ତିଆରି କରିବା ପାଇଁ ଲୁଜ୍ ଆଇସ୍ୟାଡୋ ପ୍ରୟୋଗ କରନ୍ତୁ। ଯଦି ଆପଣ ଆଇଲାଇନର୍‌କୁ ସିମରୀ ଇଫେକ୍ଟ ଦେବାକୁ ଚାହୁଁନାହାନ୍ତି ତେବେ ମ୍ୟାଟ୍ ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏଥିପାଇଁ କଲ୍ଲିୟର୍ ଆଇଲାଇନର୍ ବ୍ୟବହାର କରନ୍ତୁ, ଅର୍ଥାତ୍ ଯାହାର କୌଣସି ରଙ୍ଗ ନଥିବ। ନଚେତ୍ ତିଆରି କରିବା ପରେ ଆଇଲାଇନର୍‌ର ରଙ୍ଗ ଜଣାପଡ଼ିବ ନାହିଁ।



# ଶାଶୁ-ବୋହୂ ସମ୍ପର୍କର ଚାବିକାଠ

ଭାରତୀୟ ସମାଜରେ ବିବାହ ଦୁଇଟି ମଣିଷ ଭିତରେ ନୁହେଁ ବରଂ ଦୁଇ ପରିବାର ଭିତରେ ହିଁ ହୋଇଥାଏ। ଜଣେ ଝିଅ ସାମ୍ନାରେ ନିଜ ସ୍ୱାମୀଙ୍କ ପରିବାର ଲୋକଙ୍କ ସହ ସାମଞ୍ଜସ୍ୟ ରଖି ଚଳିବାକୁ ହୋଇଥାଏ। ଏହି ପ୍ରଚେଷ୍ଟାରେ ସବୁଠୁ କଠିନ କାମ ହେଉଛି ବୋହୂ ଶାଶୁ ସହ ତାଳମେଳ ରଖି ଚଳିବା। ଯଦି ଆପଣ ବୁଝାମଣା ଓ ଆଦରରେ ଏହାକୁ ଆପଣେଇନେବେ ତେବେ କାଠିକର କାମ ସହଜ ହୋଇଯାଇପାରିବ।

ଯଦି ଆପଣଙ୍କ ଶାଶୁ ପ୍ରତ୍ୟେକ କାମରେ ସନ୍ତୁଷ୍ଟ ହେଉନାହାନ୍ତି ଏବଂ ତାଙ୍କର ଏହି ଅଭ୍ୟାସ ଆପଣଙ୍କୁ ବାରମ୍ବାର ବ୍ୟତିବ୍ୟସ୍ତ କରିଦେଉଛି ତେବେ ନିଜର ମାନସିକତା ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ପ୍ରତ୍ୟେକ କାମରେ କୈଫିୟତ୍ ଦେବା ବଦଳରେ ଚୁପ୍ ରହିଯିବା ଭଲ। ଅକାରଣରେ ଅଶାନ୍ତି ଓ ଝଗଡ଼ାକୁ ଦୂରେଇ ହେବ। ପ୍ରତି କଥାରେ ଜବାବ୍ ନଦେଲେ ହିଁ ଶାଶୁଙ୍କର ବ୍ୟବହାର ବଦଳିଯିବ।



ଯଦି ଆପଣଙ୍କର ଶାଶୁ ନିଜର ପ୍ରଶଂସା କରିବାରେ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି କିମ୍ବା ସ୍ୱାମୀ ମାଆଙ୍କ ହାତ ତିଆରି ଖାଇବାର ପ୍ରଶଂସା କରୁଥାଆନ୍ତି ତେବେ ମନଦୁଃଖ କିମ୍ବା ରାଗନ୍ତୁ ନାହିଁ। ଯେତେ ହେଲେ ବି ସେ ହେଉଛନ୍ତି ଆପଣଙ୍କ ସ୍ୱାମୀଙ୍କ ମାଆ। ଆଉ ମାଆ ହାତ ତିଆରି କିଛି ବି ଖାଇବା ସବୁଠୁ ନିଆରା। ଏକଥା ଯେପରି ଆପଣ ଭୁଲି ନଯାଆନ୍ତି।

ଯଦି ଆପଣଙ୍କୁ ଲାଗୁଛି ଯେ, ଅଧିକ କଥାବାର୍ତ୍ତା କଲେ ଶାଶୁଙ୍କ ସହ ଝଗଡ଼ା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ତେବେ ଟିକିଏ ସଜାଗ ହୋଇଯିବା ଉଚିତ୍। ଆପଣଙ୍କ ନିରବତା ଶାଶୁଙ୍କୁ ଚିନ୍ତିତ କରିବ ସତ କିନ୍ତୁ ଯୁକ୍ତି କରିବା ପାଇଁ ସୁଯୋଗ ଦେବନାହିଁ। ଏମିତିରେ ବି ଅଧିକ କଥାବାର୍ତ୍ତା କଲେ କିଛି ନା କିଛି ଖରାପ କଥା ହେବାର ଆଶଙ୍କା ଦେଖାଦେଇପାରେ।

ଆପଣଙ୍କ ପିଲା ଓ ଶାଶୁଙ୍କ ସମ୍ପର୍କ ଭିତରେ ନପଶିବା ଭଲ। କାରଣ ଜେଜେମାଆ ନାତି-ନାତୁଣୀଙ୍କ ସମ୍ପର୍କ ଖୁବ୍ ନିବିଡ଼। ଆପଣଙ୍କ ଠାରୁ ଅଧିକ ସେ ପିଲାଙ୍କୁ ଭଲ ପାଆନ୍ତି। ଏହାକୁ ନେଇ ଆପଣ ଖୁସି ହେବା ଉଚିତ୍। ଜେଜେବାପା-ମାଆଙ୍କ ଠାରୁ ପିଲା ଅନେକ କଥା ଶିଖିଥାଆନ୍ତି।

ଆପଣ ଘରର ବୋହୂ। କୌଣସି ମେସିନ୍ ନୁହଁନ୍ତି ଯେ, କିଛି କାମକୁ ଏକାବେଳେ କରିଦେଇପାରିବେ। ଏକକାଳୀନ ଯେତିକି କାମ କରିପାରିବେ ସେତିକି ହିଁ କରିବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକତା ଠାରୁ ଅଧିକ କାମ କରିବା ଦ୍ୱାରା ଦୁର୍ବଳତା, ଥକାପଣ ଓ ଚିଡ୍‌ଚିଡ୍ ହୋଇଉଠିବେ। ତେଣୁ ନିଜ ସାଧ ମୁତାବକ କାମ କରିବାକୁ ଚେଷ୍ଟା କରନ୍ତୁ।

# ନନ୍‌ଷ୍ଟିକ୍ ବାସନ ପ୍ରତି ସାବଧାନ

ଆଜିର ଆଧୁନିକ ରୋଷେଇ ଘରେ ପ୍ରାୟ ନନ୍‌ଷ୍ଟିକ୍ ବାସନକୁସନ ମିଳିଯିବ। କାହିଁକି ନା ଲୋକଙ୍କୁ ଲାଗେ ଯେ, ଯଦି ରୋଷେଇ ଘରର ଡିଜାଇନ୍ ଆଧୁନିକ ହୋଇଯିବ ତେବେ



ବାସନ ବି ନୂଆ ଜମାନାର ଦରକାର। କିନ୍ତୁ ଏହି ବାସନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ବାହାରକୁ ପରିଷ୍କାର ତଥା ଚିକ୍କଣ ଓ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଏଥିରେ ପରଷାଯାଉଥିବା ଖାଦ୍ୟ ଶରୀରକୁ କ୍ଷତି ପହଞ୍ଚାଇଥାଏ।

ନନ୍-ଷ୍ଟିକ୍ ବାସନର କୋଟିଙ୍ଗ୍‌ରେ ଟୈଫ୍‌ଲୋନ୍ ନାମକ ଏକ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ। ଏହି ଟୈଫ୍‌ଲୋନ୍ ବ୍ୟବହାର ବିଷାକ୍ତ ପ୍ରଦୂଷକ ଭଳି। ଏହା ଥାଇରଏଡ୍ ଡିସ୍‌ଅର୍ଡର୍, କ୍ରୋନିକ୍ କିଡ୍‌ନୀ ଡିଜିଜ୍, ରୋଗ ପ୍ରତିରୋଧକ ଶକ୍ତି କମିବା, ହାର୍ଟ ଆଟାକ୍, ଲିଭର୍ ଡିଜିଜ୍ ଭଳି ରୋଗକୁ ଆମନ୍ତ୍ରଣ କରେ। ବିଶେଷଜ୍ଞଙ୍କ ମତରେ ନନ୍‌ଷ୍ଟିକ୍ ବାସନର ବ୍ୟବହାର କରିବା ହିଁ ଆବଶ୍ୟକ ନୁହେଁ। ନନ୍-ଷ୍ଟିକ୍ ବାସନରେ ଦାଗ ବା ଗାର ଗାର ପଡ଼ିଗଲେ ଏହାକୁ ଆଦୌ ବ୍ୟବହାର କରିବା ଅନୁଚିତ୍।

ତେଣୁ ଯଦି ବି ନନ୍‌ଷ୍ଟିକ୍ ବାସନରେ ଖାଦ୍ୟ ପ୍ରସ୍ତୁତ କରୁଥାଆନ୍ତି ତେବେ କମ୍ ତାପମାତ୍ରାରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ। ପ୍ରଥମେ ନନ୍‌ଷ୍ଟିକ୍ ପ୍ୟାନ୍‌କୁ ଗରମ କରନ୍ତୁ ନାହିଁ। ଏଥିରେ ଭଜାଭଜି କରିବା ଅନୁଚିତ୍। ଧୋଇବା ସମୟରେ ଏହି ବାସନକୁ ରଗଡ଼ନ୍ତୁ ନାହିଁ।

# ୧୯୦ ଦେଶରେ ପାଳନ ହେଲା ଆର୍ଟ୍ ଅଫ୍ ଗିଭିଂ ଦିବସ




ଭୁବନେଶ୍ୱର, ୧୮।୫ (ମହାଭାରତ): ଶିକ୍ଷାବିତ୍ ଓ ସମାଜସେବୀ ତଥା ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ କ୍ରମେ ଚଳିତବର୍ଷ ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ ବିଶ୍ୱର ୬ଟି ମହାଦେଶର ଭାରତ ସମେତ ୧୯୦ ଦେଶରେ ପାଳିତ ହୋଇଯାଇଛି। ଏହା ସହିତ ୨୨୨ଟି ଏଫ୍‌ଆଇଭିବି ସଦସ୍ୟ ରାଷ୍ଟ୍ର, ଅନ୍ତର୍ଜାତୀୟସ୍ତରରେ ୫୦ ହଜାରଟି ସ୍ଥାନ, ଭାରତର ୨୮ ରାଜ୍ୟ, ୮ଟି କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ନଗର ଓ ସହରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ସମସ୍ତ ଜିଲ୍ଲା ସଦରମହକୁମା, ବ୍ଲକ୍ ଓ ପଞ୍ଚାୟତରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁ ଆର୍ଟ୍ ଅଫ୍ ଗିଭିଂ ଅଭିଯାନରେ ସାମିଲ ହୋଇଥିଲେ। ଓଡ଼ିଶାର ୨୦ ହଜାର ସ୍ଥାନରେ ଏହି ଦିବସ ପାଳିତ ହୋଇଛି। ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ ପରିପ୍ରେକ୍ଷୀରେ ଏହା ଅନୁଗାମୀ ଓ ଶୁଭେଚ୍ଛୁଙ୍କ ସମେତ ପ୍ରାୟ ଅଢ଼େଇ କୋଟି ଲୋକଙ୍କ ଉପରେ ଆର୍ଟ ଅଫ୍ ଗିଭିଂର ସିଧା ପ୍ରଭାବ ପଡ଼ିଛି।

ଦୀର୍ଘ ଏକ ସପ୍ତାହ ହେଲା ବିଶ୍ୱର ବିଭିନ୍ନ ସ୍ଥାନ ଓ ଭାରତର ବିଭିନ୍ନ ସହରରେ ଆୟୋଜିତ ହେଉଛି ଆର୍ଟ୍ ଅଫ୍ ଗିଭିଂ। ଏଥିରେ ପ୍ରତ୍ୟେକ ବର୍ଗର ଲୋକ ସାମିଲ୍ ହେଉଛନ୍ତି। ପ୍ରତ୍ୟେକ ବର୍ଷ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଥାଏ। ଚଳିତବର୍ଷର ବିଷୟବସ୍ତୁ ଥିଲା ସେୟାର ଟୁ ସାଇନ୍। ଏହା ଅର୍ଥ ଅନ୍ୟ ସହ ଖୁସି ବାଣ୍ଟିଲେ ନିଜର ମଧ୍ୟ ଉନ୍ନତି ହୋଇଥାଏ। ଚଳିତବର୍ଷ ଆର୍ଟ ଅଫ୍ ଗିଭିଂ ପକ୍ଷରୁ ଓଡ଼ିଶାର ୩ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ଭଲିବଲ ଓ ନେଟ୍ ବଣ୍ଟନ ବ୍ୟବସ୍ଥା କରାଯାଇଥିଲେ। କ୍ରୀଡ଼ାର ବିକାଶ ନିମନ୍ତେ ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା କ୍ରମେ ଯୁବଗୋଷ୍ଠୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ବନ୍ଧୁତ୍ୱପୂର୍ଣ୍ଣ ଆବେଗ ସୃଷ୍ଟି ସକାଶେ ଚଳିତବର୍ଷ ୯ହଜାର ୧ଶହ ଭଲିବଲ ବଣ୍ଟନ କରାଯାଇଥିଲା।

ଭୁବନେଶ୍ୱରରେ ଆୟୋଜିତ ତ୍ରୟୋଦଶ ଆର୍ଟ ଅଫ୍ ଗିଭିଂ ମହାସମାରୋହରେ ପାଳନ କରାଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ହଲିଉଡ଼ କଣ୍ଠଶିଳ୍ପୀ ସାନ୍‌ଙ୍କ ଦ୍ୱାରା ଗାନ କରାଯାଇଥିବା ଆର୍ଟ୍ ଅଫ୍ ଗିଭିଂ 'ଥିମ୍ ସଂଗୀତ' ଲୋକାର୍ପିତ ହୋଇଥିଲା। ଏହା ବ୍ୟତୀତ ଆର୍ଟ୍ ଅଫ୍ ଗିଭିଂର ଦୁଇଟି ପୁସ୍ତକ ପାଠକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଂସଦ ରବି ନାରାୟଣ ବେହେରା, ଭାରତୀୟ ଟେନିସ୍ ତାରକା ପଦ୍ମ ଭୂଷଣ ଲିଆଣ୍ଡର ପେସ୍, ତିବ୍ବତୀୟ ବୌଦ୍ଧ ଗୁରୁ ତଥା ସ୍ୱିଜରଲ୍ୟାଣ୍ଡ ସ୍ଥିତ ରିପା ଇଣ୍ଟରନ୍ୟାସନାଲ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଜିଗମେ ରିନପୋଚେ, ବାବା ନାରାୟଣ ଦାସ ଓ ଫେମିନା ମିସ୍ ଇଣ୍ଡିଆ ନିକିତା ପରୱାଲ୍, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଚ୍ୟୁତ ସାମନ୍ତଙ୍କ ଏହି ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସମସ୍ତେ ଆର୍ଟ୍ ଅଫ୍ ଗିଭିଂକୁ ଆମେ ସମସ୍ତେ ଆମ ଦୈନନ୍ଦିନ ଜୀବନରେ ଏକ ଅଭ୍ୟାସରେ ପରିଣତ କରିପାରିଲେ ଆମେ ଆନନ୍ଦ ଅନୁଭବ କରିବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ କିସ୍ ତଥା ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର, ୧୮।୫ (ମହାଭାରତ): ଭିଜିଲାନ୍ସ ଜାଲରେ ଭାପୁର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ । ନୟାଗଡ଼ ଜିଲ୍ଲା ଭାପୁର ଗ୍ରାମ୍ୟ କାର୍ଯ୍ୟ (ଆରଡବ୍ଲୁ) ସେକ୍ସନର ଜୁନିୟର ଇଞ୍ଜିନିୟର ଶ୍ରୀ କେଶବ ସୁବୁଦ୍ଧି ଏବଂ ତାଙ୍କ ସହଯୋଗୀ ଶ୍ରୀ ଆଶୁତୋଷ ବଳିଆରସିଂହଙ୍କୁ ଭିଜିଲାନ୍ସ ଲାଂଚ ଦାବି ଓ ଗ୍ରହଣ କରୁଥିବାବେଳେ ଗିରଫ କରିଛି । ସେମାନେ ଜଣେ ଠିକାଦାରଙ୍କ ଠାରୁ ରୁ. ୧,୩୬,୦୦୦/- ଲାଂଚ ନେଉଥିଲେ। ଏହି ଲାଂଚ ରାଶି ୨୦୨୧-୨୨ ମସିହାରେ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ଅଂଚଳରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କରାଯାଇଥିବା ନିର୍ମାଣ ଓ ରକ୍ଷଣାବେକ୍ଷଣ କାମର ବିଲ୍ ପାସ କରିବା ଏବଂ ସିକ୍ୟୁରିଟି ଡିପୋଜିଟ୍ ଫେରସ୍ତ ପାଇଁ ଦାବି କରାଯାଇଥିଲା। ସରକାରୀ ନିୟମାନୁସାରେ, ରକ୍ଷଣାବେକ୍ଷଣ ସମୟ ସମାପ୍ତ ହେବା ପରେ ଆରମ୍ଭିକ ସିକ୍ୟୁରିଟି ଡିପୋଜିଟ୍ ସହିତ ସିକ୍ୟୁରିଟି ଡିପୋଜିଟ୍ ଠିକାଦାରଙ୍କୁ ଫେରାଇ ଦିଆଯାଏ। କିନ୍ତୁ ଯଦି ରକ୍ଷଣାବେକ୍ଷଣ କାମର ମାପଜୋଗ ହୋଇନଥାଏ, ତେବେ ଏହି ରାଶି ଜବତ ହୋଇଯାଏ। ଠିକାଦାର ଗତ ୩/୪ ମାସ ଧରି ରକ୍ଷଣାବେକ୍ଷଣ କାମ ସମାପ୍ତ ହେବା ପରେ ମାପଜୋଗ କରି ସିକ୍ୟୁରିଟି ରାଶି ମୁକ୍ତ କରିବା ପାଇଁ ଅଭିଯୁକ୍ତ ଜେଇ ଶ୍ରୀ ସୁବୁଦ୍ଧିଙ୍କୁ ଅନୁରୋଧ କରୁଥିଲେ। କିନ୍ତୁ ଶ୍ରୀ ସୁବୁଦ୍ଧି ଏହି କାମ ପାଇଁ ଠିକାଦାରଙ୍କୁ ୧.୩୬ ଲକ୍ଷ ଲାଂଚ ଦାବି କରିଥିଲେ। ଲାଂଚ ଦାବିରେ ଅସନ୍ତୁଷ୍ଟ ହୋଇ ଠିକାଦାର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଆଜି ଶ୍ରୀ ସୁବୁଦ୍ଧି ଠିକାଦାରଙ୍କୁ ଖଣ୍ଡପଡ଼ାସ୍ଥିତ ତାଙ୍କ ସରକାରୀ କ୍ୱାର୍ଟରକୁ ଡାକିଥିଲେ ଏବଂ ସେଠାରେ ଉପସ୍ଥିତ ତାଙ୍କ ସହଯୋଗୀ ଶ୍ରୀ ଆଶୁତୋଷ ବଳିଆରସିଂହଙ୍କୁ ଲାଂଚ ରାଶି ହସ୍ତାନ୍ତର କରିବାକୁ କହିଥିଲେ। ଏହା ପରେ ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ୧.୩୬ ଲକ୍ଷ ଲଂଚ ନେଉଥିବା ସମୟରେ ଶ୍ରୀ ସୁବୁଦ୍ଧି ଏବଂ ଶ୍ରୀ ବଳିଆରସିଂହଙ୍କୁ ଧରିଥିଲା। ସମ୍ପୂର୍ଣ୍ଣ ଲାଂଚ ରାଶି ରୁ. ୧.୩୬ ଲକ୍ଷ ଜବତ କରାଯାଇଛି।

# ଯୋଗାଣ ବିଭାଗର ଚଢ଼ାଉ,୫୦୫ ଲିଟର ଡିଜେଲ ଜବତ

ଭୁବନେଶ୍ୱର, ୧୮।୫ (ମହାଭାରତ): ରାଜ୍ୟରେ ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ଅବୈଧ ଭାବେ ମହଜୁଦ କରି କଳାବଜାରୀ କରୁଥିବା ବ୍ୟକ୍ତି ମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ଅଧିକାରୀ, ଭୁବନେଶ୍ୱର ସହକାରୀ ଯୋଗାଣ ଅଧିକାରୀ,ବାଲିଅନ୍ତା ଓ ବାଲିପାଟଣା ଯୋଗାଣ ନିରୀକ୍ଷକଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି ।



ଏଥିପାଇଁ ଗଠିତ ଏକ ଦଳ ଭୁବନେଶ୍ୱର ଉପକଣ୍ଠର ବିଭିନ୍ନ ପେଟ୍ରୋଲ ପମ୍ପ ଏବଂ ଅବୈଧ ସ୍ଥାନରେ ଥିବା ପେଟ୍ରୋଲ ଓ ଡିଜେଲ ଗଚ୍ଛିତ କେନ୍ଦ୍ର ମାନଙ୍କରେ ଚଢ଼ାଉ କରିଥିଲେ ।ଏହି ଚଢ଼ାଉ ସମୟରେ ନିରଞ୍ଜନ ନାୟକ, ବୁଲୁ ପ୍ରଧାନ,ପୂରଣ ପ୍ରଧାନ,ସୁଶାନ୍ତ କୁମାର ଚୌଧୁରୀ,ତପନ କୁମାର ସାହୁ ଏବଂ ୫ ଅଜୟ ସାହୁଙ୍କ ଠାରୁ ୫୦୫ ଲିଟର ଅବୈଧ ଭାବେ ଗଚ୍ଛିତ ଡିଜେଲ ଜବତ କରାଯାଇଥିଲା।

ସେମାନଙ୍କ ପାଖରେ କୌଣସି ବିତରକ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗର ସର୍ଟିଫିକେଟ ନଥିଲା।ଜନଗହଳି ପୂର୍ଣ୍ଣ ସ୍ଥାନରେ ଲାଭଖୋର ମନବୃତି ରଖି ଲିଟର ପିଛା ୧୪୦ ଟଙ୍କା ଦରରେ ତେଲ ବିକ୍ରୟ କରୁଥିଲେ । ଏଥି ସହିତ ସେମାନେ ବ୍ୟବହାର କରୁଥିବା ପଳା ଓ କାହାଳୀ ଆଦି ମଧ ଜବତ କରାଯାଇଛି । ଚଢ଼ାଉ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର ,ସହାୟକ ଯୋଗାଣ ଅଧିକାରୀ ସୁନୀତା ବେହେରା,ବାଲିଅନ୍ତା ଯୋଗାଣ ନିରୀକ୍ଷକ ଅଳକାରାଣି ମଲ୍ଲିକ୍ ଏବଂ ବାଲିପାଟଣା ଯୋଗାଣ ନିରୀକ୍ଷକ ନେତ୍ରାନନ୍ଦ ବେହେରା ଉପସ୍ଥିତ ଥିଲେ।

# ଆଇଆଇଏମ କୋର୍ଡିନେସନ ଫୋରମ ବୈଠକରେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୮।୫ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗୁଜରାଟ ଗସ୍ତ ଅବସରରେ ଗାନ୍ଧୀନଗର ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ଶିକ୍ଷା ଏବଂ ନବସୃଜନ କ୍ଷେତ୍ରରେ ଗୁଜରାଟର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଏମ ଅହମ୍ମଦାବାଦ ପରିସରରେ ଆୟୋଜିତ ଆଇଆଇଏମ ସମୂହର 'ସମନ୍ୱୟ ମଞ୍ଚ' ବା କୋର୍ଡିସେନସ ଫୋରମ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ 'ବିକଶିତ ଭାରତ-୨୦୪୭' ର ସ୍ୱପ୍ନକୁ ସାକାର କରିବାରେ ଆଇଆଇଏମ ଗୁଡ଼ିକର ଭୂମିକା ଉପରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା। ଶ୍ରୀ ପ୍ରଧାନ କହିଥିଲେ, ଦେଶର ସମସ୍ତ ଆଇଆଇଏମ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସଶକ୍ତ ଶିକ୍ଷା ଭିତିଭୂମି ପ୍ରସ୍ତୁତ କରିବାକୁ ହେବ । ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହ ବିଶ୍ୱସ୍ତରୀୟ ଶିକ୍ଷାଦାନ ପଦ୍ଧତି ଆପଣେଇବାକୁ ହେବ । ନୂତନ ଇନୋଭେସନକୁ ପ୍ରୋତ୍ସାହନ ଦେଇ ଆଇଆଇଏମ ଶିକ୍ଷାକୁ ଆନ୍ତର୍ଜାତୀୟ ସ୍ତରରେ ଶୀର୍ଷରେ ପହଂଚାଇବା ପାଇଁ ଆହ୍ୱାନ କରିଥିଲେ କେନ୍ଦ୍ରମନ୍ତ୍ରୀ ।




ସେହିପରି ବୈଷୟିକ ଜ୍ଞାନ ସହ ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ନେତୃତ୍ୱ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ସେ କହିଛନ୍ତି ଯେ, ଭାରତର ଆଇଆଇଏମ ଗୁଡ଼ିକ କେବଳ ଶିକ୍ଷାନୁଷ୍ଠାନ ନୁହଁନ୍ତି, ବରଂ ଦେଶ ଗଠନ ଏବଂ ଆର୍ଥିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ । ନେତୃତ୍ୱ ଏବଂ ପରିଚାଳନା ଶିକ୍ଷା କ୍ଷେତ୍ରରେ ଏହା ସମଗ୍ର ବିଶ୍ୱ ପାଇଁ ଆଦର୍ଶ ସାଜିଛି । ଆଗାମୀ ଦିନରେ ଏହି ଅନୁଷ୍ଠାନଗୁଡ଼ିକ ଏକ ସୁଦୃଢ଼ ଇନୋଭେସନ ପରିବେଶ ସୃଷ୍ଟି କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ପ୍ରମୁଖ ସହାୟକ ହେବେ। ଏହି ବୈଠକରେ ଆଇଆଇଏମର ନିର୍ଦ୍ଦେଶକ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜର ମତାମତ ପ୍ରକାଶ କରିଥିଲେ ।

# ସିଜିମାଳିରେ ପଦଯାତ୍ରା ମାଧ୍ୟମରେ ଘରକୁ ଘର ବୁଲିବ ଯୁବ କଂଗ୍ରେସ

ଭୁବନେଶ୍ୱର, ୧୮।୫ (ମହାଭାରତ): ଏ ରାଜ୍ୟରମୁଖ୍ୟମନ୍ତ୍ରୀ ଆଦିବାସୀ ଏବଂ ଏ ରାଜ୍ୟରୁ ଜଣେ ଆଦିବାସୀ ମହିଳା ଦେଶର ମହାମହିମ ରାଷ୍ଟ୍ରପତି ଏଭଳି ବାତାବରଣ ଭିତରେ ଓଡ଼ିଶାର ଆଦିବାସୀ ଓ ଦଳିତ ଲୋକଙ୍କର ସ୍ୱାର୍ଥ ସଂପତି ଓ ସ୍ୱାଭିମାନ ଭୁଲୁଣ୍ଠିତ ହେଉଛନ୍ତି। ସିଜିମାଳି ପାହାଡର ୩୧୧ ମିଲିୟନ ଟନ ବକ୍ସାଇଟ୍‌କୁ ଲୁଣ୍ଠନ କରି ନେବା ପାଇଁ ମୋଦୀ,ମୋହନ ସରକାର ରକ୍ତ ମୁଖା ହୋଇପଡିଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଏକ ସାମ୍ବାଦିକ ସମ୍ମିଳନୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଆହୁରି ମଧ କହିଥିଲେ ଯେ କୁଟ୍ରୁମାଳି ବକ୍ସାଇଟ ଖଣି ପ୍ରକଳ୍ପ ରାୟଗଡା ଓ କଳାହାଣ୍ଡି ଜିଲ୍ଲାରେ ମଧ ରହିଛି। ଏଠାରେ ମଧ ସେହିଭଳି ସମସ୍ତ ନିୟମକାନୁନକୁ ଉଲଘଂନ କରି ଖଣି ଖନନ ପାଇଁ ପ୍ରସ୍ତାବ ରହିଛି। ଏଥିରେ ମଧ ଗ୍ରାମ ସଭା କରାଯାଇନାହିଁ। ଜଙ୍ଗଲ ଅଧିକାର ଆଇନକୁ ଅନୁସରଣ କରାଯାଇନାହିଁ, ଗ୍ରାମସଭା ନାମରେ ଜାଲ ଦସ୍ତଖତ କରାଯାଉଛି। ତେଣୁ ସଂପୂର୍ଣ୍ଣ ଭାବରେ ଆଦିବାସୀମାନଙ୍କୁ କୁଟ୍ରୁମାଳି ପାହାଡରୁ ହଟାଇ ବକ୍ସାଇଟ୍ ଲୁଣ୍ଠନ ପାଇଁ ଚକ୍ରାନ୍ତ କରାଯାଉଛି। ସେହିଭଳି କୋରାପୁଟ ଜିଲ୍ଲାର ପଟାଙ୍ଗି ବକ୍ସାଇଟ୍ ମାଇନିଂ ପ୍ରକଳ୍ପ ଯାହାକି ନାଲ୍‌କୋ ଦ୍ୱାରା କରାଯାଉଛି ସେଠାରେ ମଧ ମୂଳ ନିବାସିମାନଙ୍କର ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଯୁବ କଂଗ୍ରେସ ସବୁବେଳେ ଆଦିବାସୀ, ଦଳିତବର୍ଗର ଲୋକମାନଙ୍କୁ ତାଙ୍କର ନ୍ୟାୟ ପ୍ରଦାନ ପାଇଁ ସଂଗ୍ରାମ ଜାରି ରଖିଆସିଛି। ସିଜିମାଳି ଓ କୁଟ୍ରୁମାଳି ଆଦିବାସୀମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଯୁବ କଂଗ୍ରେସ ସେମାନଙ୍କ ସହିତ ସମସ୍ତ ପରିସ୍ଥିତିରେ ସାଥୀରେ ରହିବ। ଏହି ପରିପ୍ରେକ୍ଷିରେ ଯୁବ କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଛି ଯେ, ଆଗାମୀ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ସିଜିମାଳିରେ ଘରକୁ ଘର ବୁଲି ପଦଯାତ୍ରା କରାଯିବ। ଏହି ପଦଯାତ୍ରାରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ ମନିଷ ଶର୍ମାଙ୍କ ସମେତ ବହୁ ଅଖିଳ ଭାରତୀୟ ଯୁବ କଂଗ୍ରେସ ନେତା ଯୋଗ ଦେବେ ବୋଲି ଯୁବ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି।




# ପଥ ଉତ୍ସବରେ ପ୍ରଭାତି ଯୋଗଦେଲେ ପ୍ରଭାତି ପରିଡ଼ା

ଭୁବନେଶ୍ୱର,୧୮।୫ (ମହାଭାରତ): ନିମାପଡ଼ାଠାରେ ଆୟୋଜିତ 'ନିମାପଡ଼ା ପଥ ଉତ୍ସବ ୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା । ଏହି ଅବସରରେ ପ୍ରଭାତି ପରିଡ଼ା ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଏକକ ଅଭିନୟ, ପଥପ୍ରାନ୍ତ ନାଟକ, ପାଲା ଏବଂ ଦାସକାଠିଆ ମାଧ୍ୟମରେ ଜନସଚେତନତା ବାର୍ତ୍ତାର ପରିବେଷଣ ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଜନଜାତି ନୃତ୍ୟ, ଘୋଡ଼ା ନାଚ ଏବଂ ସଂକୀର୍ତ୍ତନ ଆଦି ପାରମ୍ପରିକ ଲୋକକଳା ଆମ ଓଡ଼ିଆ ଅସ୍ମିତାର ପ୍ରତିନିଧିତ୍ୱ କରିଛି । ଏହି ଉତ୍ସବରେ ଉତ୍ସାହର ସହ ସାମିଲ ହୋଇଥିବା ନିମାପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଭାତି ପରିଡ଼ା। 'ନିମାପଡ଼ା ପଥ ଉତ୍ସବ ୨୦୨୬'ରେ ଯୋଗଦେବା ଅବସରରେ 'ଉତ୍କର୍ଷ ନିମାପଡ଼ା ୨.୦'ର ଜର୍ସି, କ୍ୟାପ୍, ମେଡାଲ ଏବଂ ମାସ୍କଟ୍ 'ଉତ୍କର୍ଷ ଘୋଡ଼ା'ର ଉନ୍ମୋଚନ କରିଛନ୍ତି ପ୍ରଭାତି ପରିଡ଼ା । ଏହି ଅବସରରେ 'ଉତ୍କର୍ଷ ନିମାପଡ଼ା ୨.୦'ର କାର୍ଯ୍ୟସୂଚୀ ବାବଦରେ ଘୋଷଣା କରାଯାଇଛି । ଆଗାମୀ ଦିନରେ ଉଭୟ ନିମାପଡ଼ା ଏବଂ ଗୋପରେ ମାରାଥନ୍ ଆୟୋଜିତ ହେବ। କ୍ରୀଡ଼ା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଏବଂ ମହାବିଦ୍ୟାଳୟ ସ୍ତରରେ 'ବିକାଶର ବିତର୍କ'ର ଆୟୋଜନ ମଧ କରାଯିବ ବୋଲି ସେ କହିଛନ୍ତି। ଅନଲାଇନ ଜରିଆରେ ଏହି ସମସ୍ତ ପ୍ରତିଯୋଗିତା, ବତର୍କ ଏବଂ 'ଉତ୍କର୍ଷ ନିମାପଡ଼ା ୨.୦'ରେ ଭାଗନେବା ପାଇଁ ଏବଂ ଭଲ୍ୟୁଂଟିୟର ଭାବେ ଯୋଗଦେବା ପାଇଁ ଆହ୍ୱାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ।



# ଆକାଶରୁ ବରଷୁଛି ନିଆଁ, ଖୋଜିଲେ ମିଳୁନି ଛାଇ



ଭୁବନେଶ୍ୱର, ୧୮।୫ (ମହାଭାରତ): ଆଜି ଆକାଶରୁ ନିଆଁ ବରଷୁଛି । ଧରଣୀ ତାତିରେ କଳବଳ ହେଉଛି । ଆଉ ମଣିଷ ଖୋଜୁଛି ଶୀତଳ ଛାଇ । କିନ୍ତୁ ଆଜି ସେଇ ଛାଇ କାହିଁ ? ମନେପଡେ ଆଜକୁ ପାଞ୍ଚବର୍ଷ ତଳର ସେହି କରୋନା କାଳର ଦୃଶ୍ୟ । ଯେତେବେଳେ ସାରା ବିଶ୍ୱ ନିଶ୍ୱାସ ପାଇଁ ସଂଘର୍ଷ କରୁଥିଲା, ସେତିକି ବେଳେ ଚନ୍ଦକାରୁ ପିତାପଲ୍ଲୀ ରାସ୍ତା ସମ୍ପ୍ରସାରଣ ନାଁରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ହୃଷ୍ଟପୁଷ୍ଟ ଫଳନ୍ତି ଆମ୍ବଗଛକୁ ନିର୍ମମ ଭାବେ କାଟି ଖଣ୍ଡ ଖଣ୍ଡ କରି ଦିଆଗଲା । ଦିନେ ଏହି ରାସ୍ତା ଦେଇ ଗଲେ ଆମ୍ବ ବଉଳର ବାସ୍ନାରେ ମନ ପୁଲକିତ ହୋଇ ଉଠୁଥିଲା । କ୍ଳାନ୍ତ ପଥିକଟିଏ ଗଛ ମୂଳେ ଦଣ୍ଡେ ବସି ରହିଲେ ତା'ର ସବୁ କ୍ଳାନ୍ତି ଦୂର ହୋଇ ଯାଉଥିଲା । ଗଛର ଡାଳରେ ପକ୍ଷୀମାନଙ୍କ କଳରବ ରାସ୍ତାସାରା ଏକ ଜୀବନ୍ତ ପରିବେଶ ସୃଷ୍ଟି କରୁଥିଲା । ସେ ସମୟରେ ପରିବେଶକର୍ମୀ ସୁଶାନ୍ତ ସାହୁ ସରକାରଙ୍କୁ ବାରମ୍ବାର ଗୁହାରି କରିଥିଲେ, 'ଗଛ କାଟନ୍ତୁ ନାହିଁ, ବିକାଶର ଅନ୍ୟ ବାଟ ଖୋଜନ୍ତୁ ।' କିନ୍ତୁ ପ୍ରଶାସନର କାନରେ ପଶିଲାନି ସେହି ଆକୁଳ ନିବେଦନ । ଗୋଟିଏ ବଡ ଗଛ କାଟିବା ମାନେ ଗୋଟିଏ ଭେଣ୍ଡିଆ ପୁଅକୁ ମାରିବା ସହ ସମାନ । ଆଜି ସେହି ଅଞ୍ଚଳ ଶୂନ୍ୟ ଶୁନ୍ୟ ଲାଗୁଛି । ପକ୍ଷୀଙ୍କ ବସା ଉଜୁଡି ଯାଇଛି, ସୌନ୍ଦର୍ଯ୍ୟ ହଜିଯାଇଛି । ଆଜି ସେହି ରାସ୍ତାରେ ଯାଉଥିବା ଲୋକେ ଗରମରେ ସିଝିଲା ବେଳେ ସେହି ପୁରୁଣା ଦିନକୁ ଝୁରୁଛନ୍ତି । ସରକାର ରାସ୍ତା ତ ଚଉଡା କରିଦେଲେ କିନ୍ତୁ ସେହି ଥଣ୍ଡା ପବନ ଆଉ ଛାଇକୁ ଫେରାଇ ଆଣିପାରିବେ କି ? ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା ନହେଲେ, ଆଗାମୀ ଦିନରେ ଏହି ଅଗ୍ନି ବର୍ଷା ଆହୁରି ଭୟଙ୍କର ହେବ ଏଥିରେ ସନ୍ଦେହ ନାହିଁ।

# ଖୋର୍ଦ୍ଧା ରୋଡ଼ମଣ୍ଡଳ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ସଚେତନତା

ଭୁବନେଶ୍ୱର, ୧୮।୫ (ମହାଭାରତ): ଭାରତୀୟ ରେଳବାଇ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ' ବିଷୟବସ୍ତୁକୁ ନେଇ 'ବିଶ୍ୱ ପରିବେଶ ଦିବସ ଅଭିଯାନ' ଆରମ୍ଭ କରାଯାଇଛି। ଏହି ଅଭିଯାନ ୧୫.୦୫.୨୦୨୬ ରୁ ୦୫.୦୬.୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ପଦକ୍ଷେପର ଏକ ଅଂଶ ସ୍ୱରୂପ, ଯାତ୍ରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ କରିବାର ଗୁରୁତ୍ୱକୁ ବୁଝାଇବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ବିଭିନ୍ନ ସଚେତନତା ଏବଂ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏକ ବ୍ୟାପକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛି। ଏହି ଅଭିଯାନର ପ୍ରଥମ ଦିନରେ, ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ରେଳ ଷ୍ଟେସନ, ରେଳବାଇ କଲୋନୀ ଏବଂ ଅନ୍ୟାନ୍ୟ ରେଳ ପ୍ରତିଷ୍ଠାନଗୁଡ଼ିକରେ ବ୍ୟାନର ପ୍ରଦର୍ଶନ ଏବଂ ଯାତ୍ରୀମାନଙ୍କୁ ଲିଫ୍‌ଲେଟ୍ ବଂଟନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନିଜର ଦୈନନ୍ଦିନ ଜୀବନରେ ପରିବେଶ ପ୍ରତି ଦାୟିତ୍ୱବାନ ଅଭ୍ୟାସ ଆପଣାଇବା ସହ ନିଜ ପରିବାର ସଦସ୍ୟ, ବନ୍ଧୁ ଏବଂ ସମାଜକୁ ପରିବେଶ ଅନୁକୂଳ ଅଭ୍ୟାସ ପାଇଁ ପ୍ରେରିତ କରିବାକୁ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲା।



ଏହି ଅଭିଯାନ ଅବଧି ମଧ୍ୟରେ ସମଗ୍ର ମଣ୍ଡଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସଠିକ ନିଷ୍କାସନ, ବର୍ଜ୍ୟବସ୍ତୁ ପୃଥକୀକରଣ ଅଭ୍ୟାସ ବିଷୟରେ କର୍ମଚାରୀଙ୍କୁ ସଚେତନ କରିବା ଏବଂ ଷ୍ଟେସନ ଓ ରେଳବାଇ ପରିସରରେ ସ୍ୱଚ୍ଛତା ଅଭିଯାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ବ୍ୟାନର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଷ୍ଟେସନ ଷ୍ଟଲଗୁଡ଼ିକରେ ସ୍ୱତନ୍ତ୍ର ନିରୀକ୍ଷଣ ଅଭିଯାନ ମଧ ଚଳାଯିବ। ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ଏବଂ ଏହାର ନିରାକରଣ ପାଇଁ ଗ୍ରହଣୀୟ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ଚକ୍ର ଆୟୋଜିତ ହେବ। ସେହିପରି, କପଡ଼ା ଓ ଝୋଟ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଡିଜିଟାଲ୍ ଏବଂ କାଗଜବିହୀନ ଟିକେଟିଂ ବ୍ୟବସ୍ଥାର ପ୍ରଚାର ପାଇଁ ମଧ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ବିଶ୍ୱ ପରିବେଶ ଦିବସ ଅଭିଯାନକୁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମେକାନିକାଲ୍ ବିଭାଗର ଏନଭାଇରନମେଣ୍ଟ ଆଣ୍ଡ ହାଉସକିପିଂ ମ୍ୟାନେଜମେଂଟ ଶାଖା ଦ୍ୱାରା ପରିଚାଳିତ କରାଯାଉଛି।

# ବଢିଚାଲିଛି ଅପରାଧ

ପୋଲିସ ଡାଳେ ଡାଳେ ଗଲେ ଅପରାଧୀମାନେ ପତରେ ପତରେ ଯାଉଛନ୍ତି। ସାଇବର ଅପରାଧ ରୋକିବାକୁ ଥାନାରେ ସ୍ୱତନ୍ତ୍ର ସାଇବର ସେଲ ଖୋଲାଯାଇଛି। କିନ୍ତୁ ଏହା ସତ୍ତ୍ୱେ ଅପରାଧ ହାର ବଢ଼ିଚାଲିଛି। ସାଇବର କ୍ରାଇମ ଏବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ ଆତଙ୍କର କାରଣ ହୋଇଛି। ଅନେକ ଏଥିରେ ସର୍ବସ୍ୱାନ୍ତ ହୋଇଛନ୍ତି। ସାମାନ୍ୟ ଅସାବଧାନତାରୁ ମୁହୂର୍ତ୍ତକ ଭିତରେ ଜୀବନବ୍ୟାପୀ ସଂଚିତ ଅର୍ଥ ଲୁଟ ହୋଇଯାଉଛି। ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି। ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି। ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି। କାରଣ ସେମାନେ ସତର୍କ ହୋଇଯାଇଛନ୍ତି। କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି। ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ। କୌଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ। କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି। ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି। ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି। ଏହା ଅଚଳ ହୋଇଯିବ। ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ। ସେଥିରେ ମଧ୍ୟ ଅନେକ ଠକେଇର ଶିକାର ହେଉଛନ୍ତି। ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ ପାଇବାର ଲୋକ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି। କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏହାର ଶିକାର ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନ ଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି। ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି। ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି। ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି। ରାଜଧାନୀର ସଚେତନ ନାଗରିକ ମଧ୍ୟ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା। ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି। ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ। କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିଙ୍କୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ। ସାଇବର ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ସହ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଓଟିପି ମାଧ୍ୟମରେ ଜଣେ କିପରି ବ୍ୟାଙ୍କ ଆକାଉଣ୍ଟ ଖାଲି କରି ଦେଉଛନ୍ତି ତାହା ବଡ଼ ଆଶ୍ଚର୍ଯ୍ୟର ବିଷୟ। ଯଦି ପୋଲିସ ବା ବ୍ୟାଙ୍କ କର୍ତ୍ତୃପକ୍ଷ ଏହାର ନିରାକରଣ କରିପାରୁନାହାଁନ୍ତି ତେବେ ଅନଲାଇନ କାରବାର ବନ୍ଦ କରାଯିବା ଉଚିତ ଏବଂ ଲୋକଙ୍କୁ ଡିଜିଟାଲ କାରବାରରୁ ନିରୁତ୍ସାହିତ କରାଯିବା ଉଚିତ। ଦେଶରେ ଡିଜିଟାଲ କାରବାର ବଢୁଛି, ଡିଜିଟାଲ ଇଣ୍ଡିଆ ନେଇ ଆମେ ଗର୍ବ କରିବାର କିଛି କାରଣ ନାହିଁ, ଯଦି ଡିଜିଟାଲ କାରବାରକୁ ଆମେ ଯଥେଷ୍ଟ ସୁରକ୍ଷା ପ୍ରଦାନ କରିପାରିବ ନାହିଁ। ବିମୁଦ୍ରିକରଣ ପରେ ସରକାର କ୍ୟାସଲେସ କାରବାରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି।

# ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

**॥ ସୌମେନ୍ଦ୍ର ଜେନା ॥**

*;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି ।*

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ତାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍‌ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ ମୂକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ତାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ତାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଚାହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ତାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ତାନୀ ନେତା ପାକିସ୍ତାନକୁ ଚାଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ତାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଚାହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ତାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ତାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଚାଲିଯାଇଛନ୍ତି । ସେ ଦୁବାଇରେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ତାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ତାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ତାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଚାଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍‌ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଚାଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ତାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

# ଖୁସି, ସୁଖ ଓ ଶାନ୍ତି

**॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି। ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି। ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା। ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି। ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା। ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ। ଏହାର ମୂଲ୍ୟ ଅମୂଲ୍ୟ। ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା। ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧ୍ୟାତ୍ମିକ ପକ୍ଷକୁ ମଧ ବିକଶିତ କରିବାକୁ ହୁଏ । କାରଣ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ସହ-ପ୍ରତିରତ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# କୁନି ଓଠରେ କଥା ନାହିଁ

**॥ ଡାକ୍ତର କାନ୍ତୀ ନାୟକ ॥**

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ-ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

## ତେଲ ପାଇଁ ଚାଲିଗଲା ଜୀବନ

ପ୍ରଥମେ ପାଞ୍ଚ ହଜାର କୁକୁଡ଼ା ଆଉ ଏବେ ଜଣେ ବ୍ୟକ୍ତିର ଜୀବନ ନେଇଗଲା ତେଲ । ତେଲର ଅଭାବ ଯୋଗୁଁ ଅନେକ ସମସ୍ୟା ଭୋଗୁଛନ୍ତି ଜନତା । କେଉଁଠି ଘଣ୍ଟା ଘଣ୍ଟା ଧରି ଲୋକେ ଲାଇନ ରେ ଛିଡା ହେଉଛନ୍ତି ତ ଆଉ କେଉଁଠି ଜାତୀୟ ରାଜପଥ ଜାମ ହେଉଛି । ସେଥି ମଧ୍ୟରୁ ଆସିଛି ଆଉ ଏକ ହୃଦୟ ବିଦାରକ ଚିତ୍ର ଯେଉଁଠି ତେଲ ର ଅଭାବ ଯୋଗୁଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ ।। ଆମେ କହୁଛୁ ମାଲକାନଗିରି ଜିଲ୍ଲା କୁସୁମପୁଟ ଗାଁ ର ବସନ୍ତ ଖିଲ ଙ୍କ କଥା । ମୃତ ବସନ୍ତ ଆମ୍ବ ତୋଳିବା ପାଇଁ ଗଛ ଉପରେ ଚଢି ଥିଲେ ହେଲେ ହଟାତ ସେ ପଡି ଯାଇଥିଲେ ।ସେ ପଡ଼ିଯିବା ପରେ ପରିବାର ଲୋକେ ତାକୁ ବାଇକ ଯୋଗେ ଚିକିତ୍ସାଳୟକୁ ଆଣୁଥିବା ବେଳେ ଅଧା ରାସ୍ତା ରେ ଗାଡ଼ିର ତେଲ ସରିଯାଇଥିଲା । ତେବେ ତେଲ ସରିବା ପରେ ସେହି ଅଞ୍ଚଳରେ ତେଲ ନ ମିଳିବା ଯୋଗୁଁ ଅଧା ରାସ୍ତାରେ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା ।ଏଂ କିଛି ସମୟ ପରେ ଆମ୍ବୁଲାନ୍ସରେ ମୃତ ବସନ୍ତକୁ ମାଥିଲି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାଥିଲି ଡାକ୍ତର ତାଙ୍କୁ ସେଠାରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ରିଲିଫ୍ କରିଥିଲେ । ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତ୍ୟୁ ଘଟିଥିଲା ।

## ମାଇନର କେନାଲ ପୋତି ହୋଇ ରାସ୍ତାରେ ଗଡୁଛି ପାଣି



ମାଇନର କେନାଲ ଭାଙ୍ଗି ରାସ୍ତାରେ ପାଣି ଗଡ଼ିବା ସହ ଘର ଭିତରେ ପଶୁଛି ପାଣି ଏଭଳି ଦୃଶ୍ୟ ଦେଖବା ପାଇଁ ମିଳିଛି କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପାଲ୍ଲୀ ପଞ୍ଚାୟତର କାନ୍ଦିଗୁଡା ଗ୍ରାମ ନିକଟରେ । ବହୁତ ଦିନ ଧରି ଏଭଳି କେନାଲ ପାଣି ରାସ୍ତାରେ ଗଡ଼ିବା ସହ ଘର ଭିତରେ ଆଣ୍ଠୁଏ ପାଣି ରହିଥିବା ବେଳେ ଘରୁ ବାହାରିବା ପାଇଁ ପାଣି ଭିତରେ ପଶି ରାସ୍ତାକୁ ଯିବାକୁ ପଡେ । ସେହି ପାଣି ଭିତରେ ବହୁ ବିଷାକ୍ତ ସରୀସୃପ ବୁଲୁଥିବା ବେଳେ ଘର ଭିତରକୁ ମଧ ପଶିଯାଇ ଥାଏ । ପୋଟରୁ କେନାଲ ଡିଭିଜନ ଏମ୍. ଭି-୭୯ କାର୍ଯ୍ୟାଳୟ ଠାରୁ ମାତ୍ର ୫କିଲୋମିଟର ଦୂରରେ ଏଭଳି ପାଣି ବୋହି ଯାଉଥିବା ବେଳେ କିଭଳି କାହା ନଜର ଏଠାରେ ପଡ଼ିପାରୁନି ତାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପୋଟରୁ କେନାଲ ବିଭାଗ କରୁଛି କଣ ? ତେବେ ଦେଖିବା ପାଇଁ ବାକି ରହିଲା କେବେ ଏହି କେନାଲ ମରାମତି ହୋଇପାରୁଛି ଏବଂ କେବେ ଉପକୃତ ହୋଇପାରରୁଛନ୍ତି କାନ୍ଦିଗୁଡା ଅଞ୍ଚଳବାସୀ ।

## ଦୋକାନ ଗୃହ ଉପରେ ଭାଙ୍ଗି ପଡ଼ିଲା ବିଶାଳ ଗଛ, ଅଳ୍ପକେ ବର୍ତ୍ତିଲେ ଦୋକାନୀ



ଲକ୍ଷ୍ମୀପୁର (ମହାଭାରତ), ତାରିଖ ୧୮ ମେ ୨୦୨୬ : କୋରାପୁଟ ଜିଲ୍ଲାରେ କାଳବୈଶାଖୀର ପ୍ରକୋପ ଦିନକୁ ଦିନ ଭୟାବହ ରୂପ ନେଉଥିବା ବେଳେ ଲକ୍ଷ୍ମୀପୁର ଅଞ୍ଚଳରେ ପୁଣି ଏକ ଅଘଟଣ ଘଟିଛି । ଗୋଟିଏ ପରେ ଗୋଟିଏ ଘଟଣାରେ ଲୋକଙ୍କ ଧନଜୀବନ କ୍ଷତିଗ୍ରସ୍ତ ହେଉଥିବା ସମୟରେ ଆଜି ପୁଣି କାଳବୈଶାଖୀର ତାଣ୍ଡବରେ କାକିରିଗୁମା ଥାନା ଅନ୍ତର୍ଗତ ଡି. ପ□ଡା ଛକରେ ଥିବା ଏକ ଦୋକାନ ଗୃହ ଉପରେ ବିଶାଳ ଗଛ ଭାଙ୍ଗି ପଡ଼ିବାରୁ ଭୟଙ୍କର କ୍ଷତି ସୃଷ୍ଟି ହୋଇଛି । ପ୍ରବଳ ପବନ ଓ ବର୍ଷା ସମୟରେ ହଠାତ ଗଛଟି ଦୋକାନ ଉପରେ ଲୁହୁଡ଼ି ପଡ଼ିଥିଲା । ଏଥିରେ ଦୋକାନରେ ବିକ୍ରୟ ପାଇଁ ରଖାଯାଇଥିବା ବହୁ ମୂଲ୍ୟର ସାମଗ୍ରୀ ନଷ୍ଟ ହୋଇଯାଇଥିବା ବେଳେ ଦୋକାନ ଭିତରେ ଉପସ୍ଥିତ ଥିବା ଦୋକାନୀ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ସୂଚନା ମିଳିଛି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ସଙ୍ଗେସଙ୍ଗେ ଲକ୍ଷ୍ମୀପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୋକାନ ଭିତରେ ଅଟକି ରହିଥିବା ମହିଳାଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇ ପ୍ରାଥମିକ ଚିକିତ୍ସା ପାଇଁ କାକିରିଗୁମା ହସ୍ପିଟାଲକୁ ପଠାଯାଇଥିବା ଜଣାପଡ଼ିଛି ।ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଏହି ଘଟଣାରେ ପ୍ରାଣହାନି ଘଟିନଥିଲେ ମଧ ଦୋକାନ ହିଁ ପରିବାରର ଏକମାତ୍ର ଜୀବିକାର ମାଧମ ଥିବାରୁ ବ୍ୟାପକ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି । ସରକାରୀ ସହାୟତା ମିଳିଲେ ପୁଣିଥରେ ଜୀବନ ଗଢ଼ି ଉଠିବ ବୋଲି ପରିବାର ଆଶା ପ୍ରକାଶ କରିଛନ୍ତ ।

## ଆସିକା ଓକିଲ ସଂଘ ପକ୍ଷରୁ ଏସ.ଡି.ଓ.ପି ଆସିକାକୁ ସ୍ୱାଗତ ସମ୍ବର୍ଦ୍ଧନା

ଆସିକା (ମହାଭାରତ): ଆସିକା ଓକିଲ ସଂଘ ପକ୍ଷରୁ ଏସ.ଡି.ଓ.ପି ଆସିକାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ନିକଟରେ ବହୁବିବାଦିୟ ଘଟଣାରେ ଏସ.ଡି.ପି.ଓ ସନ୍ତୋଷ ଜେନା ନିଲମ୍ବିତ ହେବାପରେ ତାଙ୍କ ସ୍ଥାନରେ ଏସ.ଡି.ପି.ଓ ଆସିକା ରୁପେ ଗିରିଜା ନନ୍ଦନ ପଟ୍ଟନାୟକ ଯୋଗଦେଇଥିବା ଜଣାଯାଇଛି । ଏହି ପରିପେକ୍ଷିରେ ଆଜି ଆସିକା ଓକିଲ ସଂଘ ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା (ଏସ.ଡି.ପି.ଓ) ଗିରିଜା ନନ୍ଦନ ପଟ୍ଟନାୟକ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓକିଲ ସଂଘର ସଭାପତି ଛବିଳ ରାମ ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ତତସହିତ ଉପସଭାପତି ଜି.ସୂର୍ଯ୍ୟପ୍ରକାଶ ରାଓ ସମ୍ପାଦକ ଚିତ୍ତରଞ୍ଜନ ଦାସ , ସହସମ୍ପାଦକ ଅଜୟ ମୁନୀ ପ୍ରମୁଖ ଯୋଗଦେଇଥିଲେ ।

## ବିପୁଳ ପରିମାଣରେ ପାନ ମସଲା ଜବତ ମାମଲା

# ଭିଡିଓ ଫୁଟେଜ୍, ଡିଜିଟାଲ୍ ସାକ୍ଷ୍ୟ ପ୍ରମାଣ ଦାଖଲ ପାଇଁ ନିର୍ଦ୍ଦେଶ




ନୟାଗଡ, ( ମହାଭାରତ ) : ନୟାଗଡ଼ର ଜଣାଶୁଣା ପାନ ମସଲା ବ୍ୟବସାୟୀ କମଳ ଚରଣ ସାହୁଙ୍କ ଖୁଣ୍ଟୁବନ୍ଧ ଗ୍ରାମ୍ୟ ସପନେସ୍ୱର କ୍ଲବ୍ରେ ଭଡ଼ାରେ ଚାଲିଥିବା ଗୋଦାମ ଘରୁ ସଦର ଥାନା ଆଇଆଇସି ପ୍ରିୟତମା ପ୍ରଧାନ ଚଢ଼ଉ କରି ବିପୁଳ ପରିମାଣରେ ପାନ ମସଲା ଜବତ କରିଥିଲେ । ଏ ନେଇ ସଦର ଥାନା ରେ ରୁଜୁ ହୋଇଥିବା ମାମଲା ଅନୁଯାୟୀ, ପୁଲିସ ତିନିଶହ ବସ୍ତା ପାନ ମସଲା ଜବତ କରିଥିବା ଘଟଣା ନୟାଗଡ଼ରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ପାନ ମସଲା ଗୁଡ଼ିକୁ ସଦର ଥାନାର ଦୁଇ ଜଣ ଗୃହରକ୍ଷୀଙ୍କ ଉପସ୍ଥିତିରେ ଜବତ କରାଯାଇଥିଲା । ସେମାନଙ୍କୁ ଜବତ ତାଲିକାରେ ସାକ୍ଷୀ ଭାବେ ଦର୍ଶାଯାଇ ପ୍ରସ୍ତୁତ କରାଯାଇଥିବା ରିପୋର୍ଟ ନୟାଗଡ଼ ଏସ୍ଡିଜେଏମ୍ଙ୍କ ଅଦାଲତରେ ଦାଖଲ କରାଯାଇଥିଲା । ପାନ ମସଲା ଜବତ ହେବା ପରେ କମଳଙ୍କୁ ଏହି ମାମଲାରେ ବିଭିନ୍ନ ସଂଗିନ ଦଫାରେ ଗିରଫ କରାଯାଇ କୋର୍ଟରେ ରିମାଣ୍ଡ ଲଗାଯାଇଥିଲା । ପାନ ମସଲା ବ୍ୟବସାୟୀ କମଳ, ଉଚ୍ଚନ୍ୟାୟାଳୟରୁ ଜାମିନରେ ମୁକୁଳିବା ପରେ ସଦର ଥାନା ମାର୍ଚ୍ଚ ୧୦ ରେ ଏହି ଜବତ ତାଲିକାକୁ ନେଇ ପ୍ରଶ୍ନ ଉଠାଇଥିଲେ । ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ରଣଜି୍ ଦାଶ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୯୪ ଅନୁଯାୟୀ ସଦର ଥାନା ମାମଲା ନମ୍ବର ୩୮ରେ ଖୁଣ୍ଟୁବନ୍ଧ ସ୍ୱପନେଶ୍ୱର ଗୋଦାମରୁ ପାନ ମସଲା ଜବତ କରାଯାଇଥିବା ସମୟର ଭିଡିଓ ଫୁଟେଜ୍ ଏବଂ ଇଲେକ୍ଟ୍ରୋନିକ୍ସ, ଡିଜିଟାଲ ସାକ୍ଷ୍ୟ ପ୍ରମାଣ ଅଦାଲତରେ ଦାଖଲ କରିବା ପାଇଁ ପ୍ରାର୍ଥନା କରାଯାଥିଲା । ଅଦାଲତ ଆବେଦନକାରୀଙ୍କ ଏହି ପିଟିସନ୍କୁ ଶୁଣାଣି କରି ଆଇନ ଅନୁଯାୟୀ, ଭିଡିଓ ଫୁଟେଜ୍ ଏବଂ ଡିଜିଟାଲ ସାକ୍ଷ୍ୟ ପ୍ରମାଣ ଯଥାଶୀଘ୍ର ଦାଖଲ କରିବା ପାଇଁ ସଦର ଥାନା ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କମଳ ଅଭିଯୋଗ କରିଛନ୍ତି ଯେ ଜିଏସ୍ଟି ବିଲଯୁକ୍ତ କିଣା ଯାଇଥିବା ୬୨୨ ବସ୍ତା ପାନ ମସଲା ତାଙ୍କ ଷ୍ଟକ୍ ଅନୁସାରେ ସେହି ଗୋଦାମ ଘରେ ଥିଲା । ପୁଲିସ ସମସ୍ତ ପାନ ମସଲା ଜବତ କରି ଗୋଦାମ ଘର ଖାଲି କରିବା ପରେ ଜବତ ତାଲିକାରେ ତିନିଶହ ବସ୍ତା ପାନ ମସଲା ଜବତ ହୋଇଥିବା ଦର୍ଶାଇଥିଲା ।ଏଣୁ ଏହି ଜବତ ପ୍ରକ୍ରିୟାରେ ସ୍ୱଚ୍ଛତା ଜାଣିବା ପାଇଁ ଭିଡିଓ ଫୁଟେଜ୍ ଦାଖଲ ପାଇଁ ଅଦାଲତରେ ସେ ପ୍ରାର୍ଥନା କରିଛନ୍ତି ।

## ଦୁର୍ନୀତିର ପାଲା ପରିବେଷଣ କଲେ କଳାକାର

# ବିଡ଼ିଓଙ୍କ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ

ହାଟଡିହ(ମହାଭାରତ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଡ଼ିଓଙ୍କ ଅଫିସ ସମ୍ମୁଖରେ କଳାକାର ମାନେ ଦେଇଥିବା ଧାରଣା ସୋମବାର ପ୍ରତ୍ୟାହୃତ ହୋଇଛି । ଉପଯୁକ୍ତ ପଦକ୍ଷେପ ନିଆଯିବା ନେଇ ବିଡ଼ିଓ ରଞ୍ଜନ କୁମାର ପରିଡା ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ ଧାରଣାରତ କଳାକାର ମାନଙ୍କ ଧାରଣା ଶୈଳୀ ନିଆରା ଥିଲା । ସୋମବାର କଳାକାର ମାନେ ପାଲା ପରିବେଷଣ ଜରିଆରେ ଦୁର୍ନୀତିର ପ୍ରତିବାଦ କରିଥିଲେ । ଦୁର୍ନୀତିର ଡାଙ୍କୁଣୀ ଖୋଲି ପଦକ୍ଷେପ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପାଲା ମାଧ୍ୟମରେ ବିଭିଓ ରାଜନୈତିକ ଦଳର ନେତା ଏବଂ ସରକାରୀ ଅଧିକାରୀ ମାନଙ୍କୁ ନିବେଦନ କରିଥିଲେ । କିଛି ସମୟ ଧରି ବ୍ଲକ ପରିସର ମୃଦଙ୍ଗ, ଝାଞ୍ଜ,ଏବଂ ଝାଞ୍ଜ କାଠି ଶବ୍ଦରେ ପ୍ରକମ୍ପିତ ହୋଇଥିଲା । ବିଡ଼ିଓ ରଞ୍ଜନ କୁମାର ପରିଡା କହିଛନ୍ତି ଯେ କଳାକାର ମାନଙ୍କ ଅଭିଯୋଗ ଅନୁସାରେ ଏକ ବିସ୍ତୃତ ରିପୋର୍ଟ ଜିଲାପାଳଙ୍କୁ ଦେବୁ । ସେଠାରୁ ନିର୍ଦ୍ଦେଶ ଆସିବା ପରେ ପଦକ୍ଷେପ ନିଆଯିବ ।ସୂଚନା ଯୋଗ୍ୟ, ଧୂ, ଧୂ ଖରା, ଗୁଳୁଗୁଳି ରେ ଚଳିତ ମାସ ଗତ ୧୫ରୁ ଧାରଣା ଆରମ୍ଭ ହୋଇଥିଲା । ଆସନ୍ତା ମେ ୨୦ରୁ ଆମରଣ ଅନଶନ ଆରମ୍ଭ କରାଯିବ ବୋଲି କଳାକାର ମାନେ ନିଷ୍ପତି ନେଇଥିଲେ ।ହାଟଡିହୀ ବ୍ଲକ କଳା ସଂସ୍କୃତି ସଘ (ବିକେଏସଏସ) କୁ ୨୦୧୧ରୁ ଆସିଥିବା ସରକାରୀ ଅନୁଦାନ ସହ କଳାକାର ନାମ ପଞ୍ଜିକରଣ ବାବଦରେ ଆଦାୟ ଅର୍ଥ ହେରଫେର ର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ କଳାକାର ମାନେ ଅଭିଯୋଗ କରିଥିଲେ । ଘଟଣାର ସତ୍ୟତା ଉନ୍ମୋଚନ ପାଇଁ ଫାଇଲ,ବ୍ୟାଙ୍କ ପାସ ବହି, କ୍ୟାସ ବହି, ପ୍ରାପ୍ତ ଏବଂ ଖର୍ଚ୍ଚ ହୋଇଥିବା ଅନୁଦାନର ନଥିପତ୍ର, ରେଜୁଲେସନ ରେଜିଷ୍ଟର ପ୍ରଭୃତି ଯାଞ୍ଚ ସହ ତଦନ୍ତ ପାଇଁ ଅଭିଯୋଗ ରେ ଉଲ୍ଲେଖ କରିଥିଲେ । ଏଥିସହ ଅନୁଦାନ ଅନିୟମିତତା ଏବଂ ହେରଫେର ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ବିଭାଗୀୟ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ ମଧ୍ୟ କରିଥିଲେ । କୌଣସି ସୁଫଳ ନମିଳିବାରୁ କଳାକାର ମାନେ ଧାରଣା ପ୍ୟା ଅବଲମ୍ବନ କରିଥିଲେ ।

## ବିଡ୍ରି ମନ୍ଦିର ଚୋରି ଘଟଣା: ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ

ଉମରକୋଟ (ମହାଭାରତ) ଗତ ୭.୦୫.୨୦୨୬ ତାରିଖ ରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ ବିଡ୍ରିଗୁଡା ଗ୍ରାମରେ ଅବସ୍ଥିତ ଥିବା ମା ବିଡ୍ରି ମନ୍ଦିରୁ ଚୋରି ହୋଇଥିବା ଘଟଣା ରେ ମନ୍ଦିର ପୂଜକ କୃଷ୍ଣ ପୂଜାରୀ ଉମରକୋଟ ଥାନାରେ ଏକ ଏତଲା ଦେଇଥିଲେ । ଏହି ଘଟଣାକୁ ଅତି ଗୁରୁତ୍ୱ ଦେଇ ନବରଙ୍ଗପୁର ପୋଲିସ ଆରକ୍ଷୀ ଅଧିକାରୀ ଏକ ଟିମ ଗଠନ କରି ଚୋରି ଘଟଣା ର ଛାନ ଭିନ ଆରମ୍ଭ କରିଥିଲେ । ଏହି ଚୋରି ଘଟଣାର ତଦନ୍ତ ଭାର ଉମରକୋଟ ଥାନାର ଏ ଏସ ଆଇ ମଳୟ ମିଶ୍ରଙ୍କ ସହ ହୋମଗାର୍ଡ ବିମଳ ସାହା, ତିଳ ଭତ୍ରା ଓ ଅନ୍ୟ ସହଯୋଗୀ ଙ୍କ ସହାୟତାରେ ସଂପୃକ୍ତ ୨ ଜଣ ବକୋଡାବେଡା ସ୍ଥିତ ଭଗବାନ ଗୌଡ଼(୨୨) ଓ ଉମରକୋଟ ଡ଼ଙ୍ଗରିଗୁଡା ର ରାହା କୁଶବାଃ କୁଗିରଫ କରିବାରେ ସଫଳ ହୋଇଥିଲା ପୋଲିସ୍ । ଗିରଫ ସମୟରେ ସନ୍ଦିଗ୍ଧ ଙ୍କ ଠାରୁ ୧୫ ଗୋଟି ରୁପା କୋଇନ, ୦୪ଗୋଟି ରୁପା ଛତା, ୦୩ ଗୋଟି ପିତ୍ତଳ ଥାଳି, ୨ ଗୋଟି ପିତ୍ତଳ ଘଣ୍ଟ, ୦୪ ଗୋଟି ପିତ୍ତଳ ଡାଳ, ଗୋଟିଏ ସାଉଣ୍ଡ ଏମ୍ପ୍ଲିପାଇର, ନଗଦ ୫୦୦୦/- ଟଙ୍କା ସହ ଚୋରିରେ ବ୍ୟବହୃତ ହୋଇଥିବା ଗୋଟିଏ ଲୁହା ରୋଡ଼ ଏବଂ ଗୋଟିଏ କାତି ଜବତ ହୋଇଥିଲା । ଏ ନେଇ ଉମରକୋଟ ଥାନାରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଆଦିତ୍ୟ ସେନ ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ସୂଚନା ପ୍ରଦାନ କରିଥିଲେ ।

## ଅସହାୟ ଓ ନିଶ୍ୱ ପରିବାରକୁ ସହାୟତା ପ୍ରଦାନ ନିମନ୍ତେ

# ଦିପ୍ତୀରଞ୍ଜନ ସେଠୀଙ୍କ ଆକୁଳ ନେବେଦନ



ପାରାଦୀପ(ମହାଭାରତ): ପାରାଦୀପ ନିକଟସ୍ଥ ଭୁତମୁଣ୍ଡେଇ ଗ୍ରାମର ଭ୍ରମରବର ସେଠୀ ଙ୍କ ବଡ଼ ପୁଅ ସ୍କୁଟିରେ ଘରକୁ ଫେରୁଥିବା ସମୟରେ କୁଜଙ୍ଗ ରୁ ପାରାଦୀପ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ପିକଅପ ଭ୍ୟାନ ଗାଡି ସନ୍ତରା ପେଟ୍ରୋଲ ପମ୍ପ ନିକଟରେ ସ୍କୁଟିରେ ଯାଉଥିବା ଭୁତମୁଣ୍ଡେଇ ଗ୍ରାମର ରାଜେନ୍ଦ୍ର ସେଠୀ ଙ୍କ ପଛପଟୁ ଶକ୍ତ ଧକ୍କା ଦେଇଥିଲା । ରାଜେନ୍ଦ୍ର ସ୍କୁଟିରୁ ଛିଟିକି ତଳେ ପଡ଼ି ଚିତ୍କାର କରୁଥିଲାବେଳେ ସଡ଼କ ସୁରକ୍ଷା ବହିନୀ କୁଜଙ୍ଗ ସଦସ୍ୟ ମାନେ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ମେଡିକାଲ ନେଇଥିଲେ । ସେଠାରେ ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତ୍ୱ ଥିବା ଦେଖି ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ କଟକ ଯିବା ବାଟରେ ରାଜେନ୍ଦ୍ରଙ୍କ ମୃତ୍ୟୁ ହେଇଥିଲା । ମୃତ୍ୟୁ ଖବର ଚତୁର୍ଦିଗ ବ୍ୟାପି ଯାଇଥିଲାବେଳେ ଭୁତମୁଣ୍ଡେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା । ପରିବାରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ବାପାମାଆଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଗ୍ରାସି ଯାଇଥିଲା ବେଳେ ରାଜେନ୍ଦ୍ର ଙ୍କ ସତବର୍ଷ ର ପୁଅ ଓ ତିନିବର୍ଷ ର ଝିଅ ବାପାକୁ ଝୁରି ଝୁରି କାନ୍ଦୁଥିବା ଦୃଶ୍ୟ ଶୋକାକୁଳ ପରିବେଷର ପରିସ୍ଥିତି ଆହୁରି ବଢ଼ି ଯାଇଥିଲା । ଏପରିକି ରାଜେନ୍ଦ୍ର ଙ୍କ ବିକଳାଙ୍ଗ ଭଉଣୀ ବାହୁନି ବାହୁନି ଭାଇକୁ ଝୁରୁଥିବା ଦୃଶ୍ୟ ଆଉ ବୃଦ୍ଧ/ବୃଦ୍ଧା ପିତାମାତା ଙ୍କ ଅବସ୍ଥା କୁ ଦେଖି ଧର୍ଯ୍ୟହରା ହୋଇ ପଡ଼ିଥିଲେ । ଉପସ୍ଥିତ ଗ୍ରାମବାସୀ ମାନେ ମୁଣ୍ଡ ଗୁଞ୍ଜିବା ପାଇଁ ଯୋଉ ଘର ସେଥିରେ ଦିନରେ ଖରା ଓ ରାତିରେ ତାରା ଦେଖି ପରିବାର ଦିନ କାଟୁଥିଲା ବେଳେ ସରକାର ଯୋଜନା ପାଲଟିଛି ସାତଶପନ ଭ୍ରମର ସେଠୀ ଙ୍କ ସାନପୁଅ ଭାହିତ ହୋଇ ନଥିଲେ ସୁଦ୍ଧା ଟେଣ୍ଟ ହାଉସ ରେ କାମ କରି ଯାହା ରୋଜଗାର କରନ୍ତି ନିଜେ ଚଳିବାତ କଷ୍ଟକର ହୋଇ ପଡୁଥିଲାବେଳେ ଭାଇ କୁ ହରାଇ ସର୍ବସସ୍ୱାନ୍ତ ହେଇଗଲା ବୋଲି କହି ସହାୟତା ପାଇଁ ଆକୁଳ ନେବେଦନ କରିଛନ୍ତି । ଭାଇ ଥିଲା ପରିବାର ମେରୁଦଣ୍ଡ, ଏ ମେରୁଦଣ୍ଡ ଭାଙ୍ଗିଗଲା, ଆମକୁ କିଏ ସାହାଯ୍ୟ କରିବ ବୋଲି ଛଳ ଛଳ ଆଖିରେ ସାନଭାଇ ର କଥା ଉପସ୍ଥିତ ସମସ୍ତଙ୍କ ଆଖିରେ କୋହଭରା ଲୁହ ସମସ୍ତଙ୍କୁ ସ୍ତମ୍ଭିଭୂତ କରିଦେଇଥିଲା । ଏହି ଦୁଃଖଦ ଖବର ଛାତ୍ର - ଶିକ୍ଷକ ସଂଘର ପ୍ରତିଷ୍ଠାତା ତଥା ସଭାପତି ଦିପ୍ତୀରଞ୍ଜନ ସେଠୀ ରାଜେନ୍ଦ୍ର ଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ ଜାରିବାସହ ରାଜେନ୍ଦ୍ର ଙ୍କ ଦୁଇ ଛୋଟ ଛୋଟ ପିଲାଙ୍କୁ ଦେଖି ନିଜର କୋହକୁ ଚାପି ପାରିନଥିଲା ବେଳେ ରାଜେନ୍ଦ୍ର ଙ୍କ ବିକଳାଙ୍ଗ ଭଉଣୀ ଓ ବୃଦ୍ଧ ପିତାମାତା ଙ୍କୁ ଦେଖି ଧର୍ଯ୍ୟ ହରା ହୋଇପଡ଼ିଥିଲେ । ଦିପ୍ତୀରଞ୍ଜନ ଅସହାୟ ପରିବାରକୁ ତୁରନ୍ତ ଯଥାସମ୍ଭବ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଥିଲା ବେଳେ ପାରାଦୀପ ତଥା ଆଖପାଖ ଅଞ୍ଚଳରେ ରହୁଥିବା ବୁଦ୍ଧିଜୀବୀ ମାନେ ଏଇ ଅସହାୟ ପରିବାର ପ୍ରତି କୃପା କରିବାକୁ ନିବେଦନ କରିଥିଲାବେଳେ ପ୍ରଶାସନ ଓ ସ୍ଥାନୀୟ ମନ୍ତ୍ରୀ ଦୃଷ୍ଟିଦେଲେ ଉଜୁଡା ପରିବାର ସଜାଡି ହେଇପାରିବ ବୋଲି ଆକୁଳ ନେବେଦନ କରି କହିଛନ୍ତି ଦିପ୍ତୀରଞ୍ଜନ ।

## ପୋଲିସର ଚଢ଼ାଉ: ୫୪ ବ୍ୟାଙ୍କ ଆକାଉଣ୍ଟଏବଂ ୫୦ ଗାଡି ଜବତ,୧୧ ଜଣ ଅଟକ



କେନ୍ଦୁଝର ଏସ୍ପି ନୀତିନ କୁଶଲକର ଦାଗୁଡଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଏକାଧିକ ଟିମ୍ ଗଠନ କରି ବାଲି ବ୍ୟବସାୟୀ ଏବଂ ମାଫିଆଙ୍କ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆନନ୍ଦପୁର ଉପଖଣ୍ଡର ୧୧ଟି ସ୍ଥାନ ଏବଂ ଘଟଗାଁ ଅ□ଳର ଗୋଟିଏ ସ୍ଥାନ ଏହିପରି ମୋଟ ୧୨ଟି ସ୍ଥାନରେ ବାଲି ବ୍ୟବସାୟୀ ଏବଂ ମାଫିଆଙ୍କ ଘରେ ସୋମବାର ସକାଳୁ ସକାଳୁ ଚଢ଼ାଉ କରିଛି । ଅତିରିକ୍ତ ଏସ୍ପି ସ୍ନେହାଶିଷ ସାହୁଙ୍କ ସୂଚନାନୁସାରେ ଅଦ୍ୟାବଧି ଚଢ଼ାଉ ଜାରି ରହିଛି । ଏଯାବତ ୧୨ଟି ସ୍ଥାନରେ ବାଲି ବ୍ୟବସାୟୀ ଏବଂ ମାଫିଆଙ୍କ ଘରେ ଚଢ଼ାଉ କରାଯାଇଥିବାବେଳେ ମୋଟ ୧୧ ଜଣଙ୍କୁ ଅଟକ ରଖାଯାଇଛି ।ହାଇୱା, ପିକଅପ, ଟ୍ରାକ୍ଟର ଏବଂ ଦାମୀ ଚାରି ଚକିଆ ମିଶି ମୋଟ ୫୦ଟି ଗାଡି,୮୦ ଲକ୍ଷ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ,ନଗଦ ୨୮ ଲକ୍ଷ ଟଙ୍କା ଟଙ୍କା ଜବତ ହୋଇଛି । ଏଥିସହ ବାଲି ଚାଲାଣ ସମ୍ବନ୍ଧୀୟ ନକଲି କାଗଜପତ୍ର ଜବତ ହୋଇଛି ।ଯ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏପରି ଚଢ଼ାଉ କରାଯାଇଥିବା ବେଳେ ଚଢ଼ାଉ ସରିବା ପରେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଅଣାଯିବ । ଆନନ୍ଦପୁର ଡିଏସ୍ପି କମଳ କୁମାର ପଣ୍ଡା କହିଛନ୍ତି ଯେ,ସ୍ପେଶାଲ ସକୱାର୍ଡ,ଉପଖଣ୍ଡ ଅଧୀନ ବିଭିଓ ଥାନାର ଅଧିକାରୀ ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଏହି ଚଢ଼ାଉ କରାଯାଇଛି ।ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଶାଳନିଆଁ ର ଗୁରୁବ୍ରତ ଖଣ୍ଡାୟୀ,ବୀରଗୋବିନ୍ଦପୁର ର ଅଜିତ ପୃଷ୍ଟି ଏବଂ ସୌମ୍ୟରଂଜନ ମହାପାତ୍ର,ହାଟଡିହୀ ର ବାପି ନାୟକ, ଏଲକଣିଆ ର ଯୋଗେନ୍ଦ୍ର ବେହେରା, ଆନନ୍ଦପୁର ର ମିକୁଲ ଦାସ,ଧକୋଠାର ଉଦର ସାହୁ, ଶାନ୍ତନୁ ନାୟକ, ଅମାରଙ୍ଗ ର ସନ୍ତୋଷ ନାୟକ, ଘଟଗାଁ ର ଜିତେନ୍ଦ୍ର ସା,ପ୍ରମୁଖଙ୍କ ଘରେ ଚଢ଼ାଉ ହୋଇଥିଲା । ୫୪ଟି ବ୍ୟାଙ୍କ ଆକାଉ□ ଜବତ ହୋଇଛି ।ବିପୁଳ ପରିମାଣରେ ସୁନା, ରୁପା ଅଳଙ୍କାର ଜବତ ହୋଇଛି । ଯାଞ୍ଚପ୍ରକ୍ରିୟା ଜାରି ରହିଛି । ଯାଞ୍ଚ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ ।

## ଢ଼ିଙ୍କିଆରେ କୈଳାସ ମନ୍ତ୍ରୀ ପୁରୁଣା ମାମଲାରେ ଗିରଫ

ପାରାଦୀପ(ମହାଭାରତ) ଜେଏସଡବ୍ଲୁ ପ୍ରକଳ୍ପ ପାଇଁ ଢିଙ୍କିଆ ଚାରିଦେଶରେ ପୋଲିସ ଆକ୍ସନ ଜାରୀ ରହିଛି । ଗତ ରବିବାର ରାତ୍ର ସମୟରେ ଢିଙ୍କିଆ ଗ୍ରାମର ନେତା କୈଳାସ ମନ୍ତ୍ରୀ (ଡୁଲା) ଙ୍କୁ ପୋଲିସ ତାଙ୍କ ଘରୁ ଉଠାଇ ନେଇଛ । ଘରେ ପଚାରିବାରୁ କାହିଁକି ଗିରଫ କରୁଛ ବୋଲି ପୋଲିସ କହିଲା ଥାନାରେ ଦସ୍ତଖତ ଦେଇକି ଆସିବେ ବୋଲି । କିନ୍ତୁ ଅପରାହ୍ନରେ ପୋଲିସ ତାଙ୍କୁ ୪ ବର୍ଷର ଏକ ପୁରୁଣା ମାମଲାରେ ଗିରଫ କରିଥିବା ଜଣାପଡ଼ିଛି । ସୂଚନା ଥାଉକି ଗତ ମେ ୬ ତାରିଖରେ ଜେଏସଡବ୍ଲୁ କମ୍ପାନୀର ବେଆଇନ କାର୍ଯ୍ୟକୁ ବିରୋଧ କରି ଢ଼ିଙ୍କିଆ ଚାରିଦେଶ ସାଧାରଣ ଜନତା ଓ କଂଗ୍ରେସ ତରଫରୁ ୪ନଂ ଜୋନ ଜିଲ୍ଲାପରିଷଦ ପିନାକୀ ଦାସଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଆୟୋଜନ ହୋଇ ଢ଼ିଙ୍କିଆସ୍ଥ ମା'ଫୁଲଖାଇଙ୍କ ମନ୍ଦିର ପ୍ରାଙ୍ଗଣରୁ ବାହାରି ଓଡ଼ିଶାର ମହାମହିମ ରାଜ୍ୟପାଳ ଭୁବନେଶ୍ୱର ନିକଟକୁ ଦୀର୍ଘ ୮ ଦିନ କାଳ ବିରାଟ ପଦଯାତ୍ରାରେ ଯାଇ ବିଶାଳ ସମାବେଶ ସହ ଏକ ଦାବିପତ୍ର କାର୍ଯ୍ୟକ୍ରମ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଡୁଲା ସକ୍ରିୟ ଭୂମିକା ଗ୍ରହଣ କରିଥଲେ । ତେଣୁ ପୋଲିସ ଆକ୍ରୋଶ ମୂଳକ ଭାବେ ଜେଏସଡବ୍ଲୁ ପ୍ରରୋଚନାରେ ତାଙ୍କୁ ପୁରୁଣା ମାମଲାରେ ଛନ୍ଦି ଗିରଫ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଗତ ମାସ ୨୪ ରିଖରେ ସଂଗ୍ରାମୀ ଭ୍ରମରବର ଦାସଙ୍କୁ ମଧ ଆକ୍ରୋଶ ମୂଳକ ଭାବେ ପୁରୁଣା ମାମଲାରେ ଛନ୍ଦି ଗିରଫ କରାଯାଇଥିବା ଅଭିଯୋଗ ହୋଇଥିଲା । ଗଣତାନ୍ତ୍ରିକ ସରକାରରେ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ,ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ,ପରିବେଶବିତ ଜ୍ଞାନ ରଞ୍ଜନ ଦାସ,ଢ଼ିଙ୍କିଆ ପଞ୍ଚାୟତ ସରପଞ୍ଚ ପିଙ୍କି ଦାସ,ସମିତି ସଭ୍ୟ ମିତାଞ୍ଜଳି ଭୋଇ ପ୍ରମୁଖ ଘୋର ନିନ୍ଦା କରିଛନ୍ତି ।

## କେଥ ହଟିଂ ପ୍ରୀମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଭୂୟାଁ ରୋଇଡ଼ା ଗ୍ରାମ ପଞ୍ଚାୟତ ଅଧିନସ୍ତ କେଥ ହଟିଙ୍ଗ ଠାରେ ରବିବାର କେଥ ହଟିଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କେଥ ହଟିଂ ହଣ୍ଟର୍ସ ବନାମ କେଥ ହଟିଂ ବ୍ଲାଷ୍ଟର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏଥିରେ କେଥ ହଟିଂ ହଣ୍ଟର୍ସ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା ।୧୨ ଓଭର ଖେଳି ୫ୱିକେଟ ରେ ୧୬୧ ରନ ସଂଗ୍ରହ କରିଥିଲା ।ଏହାର ବିପକ୍ଷରେ କେଥ ହଟିଂ ବ୍ଲାଷ୍ଟର୍ ୧୧ ଓଭର ଖେଳି ୧୦୮ ରନ କରି ଅଲ ଆଉଟ୍ ହୋଇ ଥିଲା ।ଏହି ମ୍ୟାଚ୍ ର ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଜ୍ୟୋତିନ ପାତ୍ର ଙ୍କୁ ଚୟନ କରାଯାଇଥିଲା ।ଏହି ଟୁର୍ଣ୍ଣୟମେଣ୍ଟରେ ବେଷ୍ଟ ବ୍ୟାଟସ ମ୍ୟାନ ଭାବେ ଶିବା ପାତ୍ର,ବେଷ୍ଟ ବୋଲର ଭାବେ ଜ୍ୟୋତି ନ ପାତ୍ର,ଓ ମ୍ୟାନ ଅଫ ଦି ସିରିଜ ଭାବେ ପ୍ରେମାନନ୍ଦ ଘୋଷ ଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା ।ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭୂୟାଁ ରୋଇଡ଼ । ସରପଞ୍ଚ ତୁଳସୀ ବବଙ୍ଗୟ,ବଡ଼ବିଲ ଓଏମସି ସି ଏସ ଆର୍ କନ୍ସଲଟା□ ନୂତନ ରାଉତ,ଡିରିଁ ପାହାଡ ଖଣ୍ଡବନ୍ଧ ଓଏମ ସି ଖଣି ର ପୂର୍ବତନ ଡିଜିଏମ ଜଗନ୍ନାଥ ପାତ୍ର ,ପ୍ରମୁଖ ଉପସ୍ଥିତ ରହି ଫାଇନାଲ ମ୍ୟାଚ୍ ର ବିଜେତା କେଥ ହଟିଂ ହ□ର୍ସ ଓ ଉପ ବିଜେତା କେଥ ହଟିଂ ବ୍ଲାଷ୍ଟର ଦଳ ତଥା ଅନ୍ୟ ଖେଳାଳି ଙ୍କୁ ଟ୍ରଫି ସହିତ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ ।ଏହି ଟୁର୍ଣ୍ଣୟମେଣ୍ଟରେ ଅମ୍ପାୟାର୍ ଭାବେ କ୍ରିଷ୍ଣା ଓରାମ,ବିଶ୍ୱଜି ପଟ୍ଟନାୟକ,ସ୍କୋର ବୋର୍ଡ ଦାୟିତ୍ୱରେ ଦେବାଶିଷ ପାତ୍ର,ତନ୍ମୟ ଓରାମ, ଭାଷ୍ୟ କାର ଭାବେ ଭାଗିରଥି ପାତ୍ର,ଶ୍ୟାମ ସୁନ୍ଦର ଦାସ ଦାୟିତ୍ୱତୁଲାଇ ଥିଲେ । ସ୍ଥାନୀୟ ଭୂୟାଁ ରୋଇଡୟ,ଜଳହରି, ବିଛାକୁଣ୍ଡୀ,ଯୋଡା ପ୍ରଭୃତି ଅଞ୍ଚଳ ର ଯୋଗ୍ୟ ଖେଳାଳି ଙ୍କୁ ମନୋନୀତ କରି ଆଇପିଲଏଲ ଢାଞ୍ଚାରେ ଏହି କ୍ରିକେଟ ଟୁର୍ଣ୍ଣମେଣ୍ଟ ଆୟୋଜନ କରାଯାଇ ଥିଲା ।କେଥ ହଟିଂ କ୍ରିକେଟ କ୍ଲବ ସଭାପତି ମାନସ ପାତ୍ର ,ସମ୍ପାଦକ ତନ୍ମୟ ଓରାମ, ସଦସ୍ୟ କୁନା ପାତ୍ର,ଧିରେନ ପାତ୍ର,ଖଗେଶ୍ୱର ପାତ୍ର ସୋମ ଓରାମ, ଟୁକୁନା ପାତ୍ର, କୁନ ମୁନ ଲୋହୟର, ସୁମିତ ଓରାମ,ସୁନିଲ ଓରାମ,ପ୍ରକାଶ ପାତ୍ର, ମୁନୟ ପାତ୍ର ପ୍ରମୁଖ ଖେଳ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## କୋରାପୁଟରେ ୨୧-୨୨ ମେରେ ଅନୁଷ୍ଠିତ ହେବ ପେନସନ ଅଦାଲତ

କୋରାପୁଟ : ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ତିନୋଟି ଜିଲ୍ଲା ଯଥା କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ର ପେନସନ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ ଠାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ସମେତ ଡେପୁଟି କଲେକ୍ଟର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲା ର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମୃତ ସରକାରୀ କର୍ମଚାରୀଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡିଶା ସରକାରଙ୍କ ନିର୍ଦ୍ଦେଶରେ କୋରାପୁଟ ଜିଲ୍ଲାରେ ପେନସନ ଅଦାଲତ ଅନୁଷ୍ଠିତ ହେବ। ମେ ୨୧ ରେ ସାଧାରଣ କର୍ମଚାରୀଙ୍କ ଓ ନିମନ୍ତେ ୨୨ମେ ରେ ପୋଲିସ କର୍ମଚାରୀଙ୍କ ପାଇଁ ପୂର୍ବାହ୍ନ ୯:୦୦ ଘଟିକା ଠାରୁ ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ପେନସନ ସମ୍ବନ୍ଧୀୟ ଅଭିଯୋଗ ଥିବା ଅବସରପ୍ରାପ୍ତ କର୍ମଚାରୀ/ ଉତ୍ତରାଧିକାରୀମାନେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇ ପାରିବେ ।

## ବୃଦ୍ଧାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ: ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ

ନୂଆଗାଁ (ମହାଭାରତ ) : ନୂଆଗାଁ ବ୍ଲକ ଅନ୍ତର୍ଗତ ମାଳିସାହି ଗ୍ରାମପଞ୍ଚାୟତ ରୋହିସାହି ଗ୍ରାମର ଗୋବିନ୍ଦ ବିଶୋଇ (୮୧) ଙ୍କ ମୃତ୍ୟୁ ଘଟଣାକୁ ନେଇ ପୁଅ ଶ୍ରୀଜଗନ୍ନାଥ ବିଶୋଇ (୪୫) ନୟାଗଡ଼ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ଅଭିଯୋଗ କରିଛନ୍ତି।ସୂଚନା ଅନୁଯାୟୀ ତା ୧୭.୦୫.୨୦୨୬ ରିଖ ରବିବାର ସକାଳ ୬ ଘଟିକା ସମୟରେ ବାପା ଗୋବିନ୍ଦ ବିଶୋଇ ସେ ଘରୁ ବାହାରି ଦାନ୍ତ କାଠି ଆଣିବା ପାଇଁ ନିକଟସ୍ଥ କାଞ୍ଜିଆମ୍ବା ଜଙ୍ଗଲକୁ ଯାଇଥିଲେ ଅପରାହ୍ନ ସୁଦ୍ଧା ସେ ଘରକୁ ଫେରି ନଥିବାରୁ ପରିବାର ଲୋକେ ବ୍ୟସ୍ତ ହୋଇଥିଲେ।ଏନେଇ ପୁଅ ଶ୍ରୀଜଗନ୍ନାଥ ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଁ ଓ ପରିବାର ଲୋକେ ମିଳିମିଶି ଖୋଜାଖୋଜି ଆରମ୍ଭ କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇନଥିଲେ। ପରବର୍ତ୍ତୀ ତା ୧୮.୦୫. ୨୦୨୬ ରିଖ ସୋମବାର ସକାଳୁ ପୁନର୍ବାର ପରିବାର ବର୍ଗ ଓ ଗାଁ ଲୋକଙ୍କ ସହ ଜଙ୍ଗଲକୁ ଯାଇ ଖୋଜାଖୋଜି କରିବା ପରେ କାଞ୍ଜିଆମ୍ବା ଜଙ୍ଗଲ ଫରେଷ୍ଟ ଫାଟକ ନିକଟସ୍ଥ ଥିବା ଜଙ୍ଗଲରେ ବାପା ଗୋବିନ୍ଦ ବିଶୋଇ ଙ୍କ ମୃତ ଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ।ମୃତ୍ୟୁର କାରଣ ଅସ୍ପଷ୍ଟ ହୋଇଥିବା ବେଳେ କିନ୍ତୁ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ପରିବାର ଲୋକେ ନୟାଗଡ଼ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ଅଭିଯୋଗ କରିଛନ୍ତି।ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶବକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା।ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କେଉଁ କାରଣରୁ ଗୋବିନ୍ଦ ଙ୍କ ମୃତ୍ୟୁ ହୋଇଛି ତାହା କଜଣାପଡିବ।ବର୍ତ୍ତମାନ ସୁଦ୍ଧା ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ଜଣାପଡ଼ିଛି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କଲେ ବିଧାୟକ ପବିତ୍ର ସାଉଁତା



ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଲକ୍ଷ୍ମୀପୁର ପକ୍ଷରୁ ଆୟୋଜିତ ମେଧା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଗମ୍ଭୀର ଓ ଉତ୍ସାହମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ଶ୍ରୀଯୁକ୍ତ ପବିତ୍ର ସାଉଁତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଶମ ବୋର୍ଡ ପରୀକ୍ଷା-୨୦୨୬ରେ ଉତ୍କୃଷ୍ଟ ସଫଳତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।ଏହି ଅବସରରେ ବିଧାୟକ ଶ୍ରୀ ସାଉଁତା ନିଜ ଅଭିଭାଷଣରେ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ ଓ ସେମାନଙ୍କ ସଫଳତା ସମଗ୍ର ଲକ୍ଷ୍ମୀପୁର ଅଞ୍ଚଳ ପାଇଁ ଗର୍ବର ବିଷୟ । କଠିନ ପରିଶ୍ରମ, ଶୃଙ୍ଖଳା ଓ ଲକ୍ଷ୍ୟ ପ୍ରତି ନିଷ୍ଠା ରଖି ଆଗକୁ ବଢ଼ିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗଚ୍ଛ, ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବ୍ଲକ ଶିକ୍ଷାଧିକାରିଣୀ ରୀତା ମହାନ୍ତି, ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ଅତିରିକ୍ତ ଶିକ୍ଷାଧିକାରୀ ବିଭୁତି ଭୂଷଣ ଟାକ୍ରୀ, ମଦନ ମୁଦୁଲି,ସାଂସଦ ଙ୍କ ପ୍ରତିନିଧି କୈଳାସ ଖସ୍ଲା, ଶିକ୍ଷକ, ଅଭିଭାବକ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ଓ ଉତ୍ସାହ ବୃଦ୍ଧି କରିବା ସହିତ ଅଞ୍ଚଳରେ ଏକ ସକାରାତ୍ମକ ଶିକ୍ଷାମୂଳକ ପରିବେଶ ସୃଷ୍ଟି କରିଥିବା ଦେଖାଯାଇଛି ।

### ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ସାତ ସପନ

# ପୁଣି ଖଟରେ ବୁହା ହେଲେ ରୋଗୀ




କପ୍ତିପଦା -(ମହାଭାରତ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତର ଧପଡା ରାଜସ୍ୱ ଗ୍ରାମ ଅଧିନ ୱାର୍ଡ ନମ୍ବର-୫ ଧନାସାହି ଗ୍ରାମର ବିରାଙ୍ଗ ମହାକୁଡ଼(୩୦) ଆଜି ଡାକ୍ତରଖାନାକୁ ନିଆ ଯିବା ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଗାଡ଼ି ପଶିବା ସମସ୍ୟା ରହି ଥିବାରୁ ତାଙ୍କୁ ଖଟିଆ ଯୋଗେ ୪ କିଲୋ ମିଟର ଦୂର ବାଟ ଆମ୍ବୁଲାନ୍ସ ଗାଡି ଧରିବା ପାଇଁ ବୋହି ଅଣା ଯିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୁଚନା ଥାଉ କି - ଧନାସାହି ଗ୍ରାମର ରାମ ମହାକୁଡ଼ଙ୍କ ସ୍ତ୍ରୀ ବିରାଙ୍ଗ ମହାକୁଡ଼(୩୦) ଘର ପାଖରେ କାମ କରୁଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ସେ ଅତ୍ୟନ୍ତ ଗୁରୁତର ହେବା କାରଣରୁ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା ।ଆମ୍ବୁଲାନ୍ସ ଆସିଥିଲା ସତ କିନ୍ତୁ ଗ୍ରାମର ରାସ୍ତା ଅତ୍ୟନ୍ତ ଦୁରାବସ୍ଥା ଥିବା ଯୋଗୁଁ ଆମ୍ବୁଲାନ୍ସ ଗାଡି ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା ଫଳରେ ଗାଁ ଲୋକ ତାଙ୍କୁ ୪ କିଲୋମିଟର ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଗାଡି ଧରିବା ପାଇଁ ଖଟିଆରେ ବୋହି ଆଣିଥିଲେ ସୂଚନା ଥାଉ କି - ଧନାସାହି ବାସିନ୍ଦାଙ୍କୁ ରାସ୍ତା ଘାଟ ଏବଂ ପାନୀୟ ଜଳ ଯୋଗାଣ ଭଳି ମୌଳିକ ସୁବିଧା ପ୍ରଦାନ କରାଯିବା ଦାବିରେ ଗ୍ରାମବାସୀ ୨୦୨୫ ଅକ୍ଟୋବର ମାସ ୨୪ ତାରିଖ ଦିନ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିଥିଲେ। ଗ୍ରାମର ସମସ୍ୟା ସମାଧାନ କରିବାକୁ ଯାଇ କପ୍ତିପଦା ବିଡିଓ ଏବଂ ପଦ୍ମପୋଖରୀ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଭାରତ ସିଂହ ୨୦୨୫ ମସିହା ଅକ୍ଟୋବର ୧୬ ତାରିଖ ଦିନ ଧନାସାହି ଗ୍ରାମକୁ ଗସ୍ତ କରି ଉକ୍ତ ଗ୍ରାମର ଦୂରାବସ୍ଥା ଦେଖିବା ସହିତ ଗ୍ରାମରେ ରାସ୍ତା ଘାଟର ଉନ୍ନତିକରଣ କରାଯିବା ନିମନ୍ତେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଫେରି ଥିଲେ। ଧନାସାହି ଗ୍ରାମକୁ କପ୍ତିପଦା ବିଡିଓଙ୍କ ଗସ୍ତର ୮ ମାସ ବିତି ଯାଇଥିଲେ ସୁଦ୍ଧା ଗ୍ରାମର ଗୋଟିଏ ହେଲେ ମଧ୍ୟ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ। ସୂଚନା ଥାଉ କି - ୨୦୨୫ ମସିହା ନଭେମ୍ବର ମାସ ୨୨ ତାରିଖ ଦିନ ଧନାସାହି ଗ୍ରାମର ନାନ୍ଦୀ ମହାକୁଡ଼ ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଖଟିଆରେ ବୋହା ସମୟରେ ବାଟରେ ହିଁ ପ୍ରସବ କରିବା ଘଟଣା ମୟୂରଭଞ୍ଜ ଜିଲ୍ଲାକୁ ସମଗ୍ର ଓଡ଼ିଶାରେ ଲଜିତ କରିଥିଲା। ଗ୍ରାମରେ ରାସ୍ତା ନିର୍ମାଣ ହେବାର ଆବଶ୍ୟକତା ରହିଛି। ବିଲ ହୀଡ ଏଠି ରାସ୍ତା, ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏଠି ସାତ ସପନୟ ଧନାସାହି ଗ୍ରାମବାସୀଙ୍କ ନିମନ୍ତେ ପ୍ରଧାନ ମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏମାନଙ୍କ ପାଇଁ ସାତ ସପନୟ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମକୁ ମିଳୁନି ଆର୍ଥିକ ଅନୁଦାନ, ଧନାସାହି ବାସିନ୍ଦା ଆଜି ବି ବିକାଶର ସୂର୍ଯ୍ୟାଲୋକକୁ ଅପେକ୍ଷା କରି ରହିଛନ୍ତି। ଗ୍ରାମରେ ମୋବାଇଲ ନେଟୱାର୍କ ସାତ ସପନ ହୋଇ ରହିଛି। ରାସ୍ତା ନିର୍ମାଣ ସମ୍ପର୍କରେ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା ରାସ୍ତା ନିର୍ମାଣ ବିଭାଗ ଯନ୍ତ୍ରୀ ଭାରତ ସିଂହଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରା ଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ଫୋନ ସ୍ୱିଚ୍ଚ ଅଫ ଥିବା ଜଣା ପଡ଼ିଛି। ଆଗାମୀ ୪ ସପ୍ତାହ ମଧ୍ୟରେ ମଧ୍ୟରେ ଧନାସାହି ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ନିମନ୍ତେ ପଦକ୍ଷେପ ନ ଗ୍ରହଣ କରିଲେ ଗ୍ରାମବାସୀ କପ୍ତିପଦା ବ୍ଲକ ପ୍ରଶାସନ ଏବଂ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ବିରୋଧରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନ ମାମଲା ଦାୟର କରିବେ ବୋଲି ଗ୍ରାମର ନବୀନ ମୁଣ୍ଡୁରୀ , ଟିପୁ ମୁଣ୍ଡୁରୀ , ଜାମାଦାର ବାଲମୁଚୁ, ମାନି ମୁଣ୍ଡୁରୀ, ଗାମାଏ ରୀମିଲ ଗୋଇପାଇ ପ୍ରମୁଖ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

## ପାରାଦୀପ କଲେଜ ଏନସିସି ଓ ଆଲୁମ୍ନି ଆସୋସିଏସନ ପକ୍ଷରୁ ଦହି ପାଣି ବଣ୍ଟନ



ପାରାଦୀପ (ମହାଭାରତ) ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାରାଦୀପ କଲେଜ ଏନସିସି ଆଲୁମୁନି ଆସୋସିଏସନ ଏବଂ ଏନସିସି କ୍ୟାଡେଟ ମାନଙ୍କ ମିଳିତ ଉଦ୍ୟମରେ ୯ ଦିନ ଧରି ଚାଲିଥିବା ସାଧାରଣରେ ଦହି ପାଣି ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋମବାର ଦିନ ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ଲୋକଙ୍କୁ ଦହି ପାଣି ବଣ୍ଟନ କରିଥିଲେ । ସେ ପାରାଦୀପ କଲେଜ ଏନସିସି ଆଲୁମୁନି ଆସୋସିଏସନ ଦ୍ୱାରା ନିୟମିତ ଭାବେ କରାଯାଉଥିବା ସମାଜସେବା କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ବିଶେଷ କରି ସମୁଦ୍ର ବେଳାଭୂମି ସଫେଇ ଅଭିଯାନ, ନିଶା ଛାଡ଼ନ୍ତୁ ସଚେତନତା କାର୍ଯ୍ୟକ୍ରମ, ପ୍ଲାଷ୍ଟିକ ବର୍ଜନ କରନ୍ତୁ ଅଭିଯାନ, ରକ୍ତଦାନ ଶିବିର, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ଗ୍ରୀଷ୍ମ ସମୟରେ ପକ୍ଷୀମାନଙ୍କ ତୃଷ୍ଣା ନିବାରଣ ପାଇଁ ପାଣି ଓ ଖାଦ୍ୟ ବ୍ୟବସ୍ଥା ଭଳି ଜନହିତକର କାର୍ଯ୍ୟକ୍ରମକୁ ଶ୍ରୀ ପଣ୍ଡା ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଆସୋସିଏସନର ସଦସ୍ୟମାନେ କହିଥିଲେ ଯେ, ନେଶନ ଫର୍ଷ୍ଟ ମନୋଭାବ ସହ ଆଗାମୀ ଦିନରେ ମଧ୍ୟ ସମାଜ ଏବଂ ପରିବେଶ ସୁରକ୍ଷା ପାଇଁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ। ଆଜିର ଏହି ଦହି ପାଣି ବଣ୍ଟନ କାର୍ଯ୍ୟକ୍ରମରେ ଏନସିସି ଆଲୁମୁନି ଆସୋସିଏସନ ର ଉପଦେଷ୍ଟା ଲେଫ୍ଟନା□ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ପାରାଦୀପ ମହାବିଦ୍ୟାଳୟ ଅଧ୍ୟାପକ ଗଣେଶ୍ୱର ପାତ୍ର, ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ଆସୋସିଏସନର ସଦସ୍ୟ, କ୍ୟାଡେଟ ଏବଂ ସ୍ଥାନୀୟ ଜନସାଧାରଣ ସକ୍ରିୟ ଭାବେ ଯୋଗଦେଇଥିଲେ। ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ଏନସିସି ଆଲୁମୁନି ଆସୋସିଏସନ ସଦସ୍ୟ ତଥା କ୍ୟାଡେଟ ପଦ୍ମନାଭ ଦାସ, ହରପ୍ରିୟା ପଟ୍ଟନାୟକ, ବିକ୍ରମ ସିଂହ ମହାରଣା, ନୀଳିମା ମହାପାତ୍ର, ଅନାଦି ସେନାପତି, ବିବେକାନନ୍ଦ ମହାପାତ୍ର, ପିକୁନ ସେନାପତି, ବିଜୟ ଘଡେଇ, ସୁମାଳୀ ସାସମଲ, ଶୁଭସ୍ମିତା ମହାପାତ୍ର, ତେଜସ୍ୱିନୀ ମହାନ୍ତି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଉଇ ହୁଙ୍କାରେ ପଶିଲେ, ସ୍ୱଧର୍ମକୁ ଫେରିଲେ



କପ୍ତିପଦା -(ମହାଭାରତ ): ଉଇ ହୁଙ୍କାରେ ପଶିଲେ, ଭୋଜିଭାତ ଦେଲେ ଆଉ ନିଜ ଧର୍ମକୁ ଫେରିଲେ। ବାରମ୍ବାର ଶରୀର ଅସୁସ୍ଥ ହେଉଥିବା ବେଳେ ଏହାର ସୁଯୋଗ ଉଠାଇଥିଲେ ଅନ୍ୟ ଧର୍ମ ଲୋକେ। ଆଉ ଧର୍ମ ପରିବର୍ତ୍ତନ କରିଲେ ଦେହ ସୁସ୍ଥ ହେବା ସହିତ ସବୁଠିକ ହୋଇଯିବ କହି ଧର୍ମ ପରିବର୍ତ୍ତନ କରାଇଥିଲେ। ଶେଷରେ ଏହି ମିଛ ବାହାନାକୁ ବୁଝିପାରି ପୁଣି ନିଜ ଧର୍ମ କୁ ଫେରିଛନ୍ତି ବ୍ୟକ୍ତ। ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ଥାନା ଜଡିଦା ପଞ୍ଚାୟତ ପଥରଖଣି ଗ୍ରାମରେ। ଗ୍ରାମର ଭାଟୁ ମାରାଣ୍ଡି ନିଜ ପରିବାର ସହିତ ୩ ବର୍ଷ ପୂର୍ବେ ଅନ୍ୟ ଧର୍ମ କୁ ପରିବର୍ତ୍ତନ ହୋଇଥିଲେ। କିନ୍ତୁ ଧର୍ମ ପରିବର୍ତ୍ତନ ସମୟରେ ତାଙ୍କୁ କୁହାଯାଇଥିବା ସମସ୍ତ କଥା ମିଛ ବୋଲି ଜାଣିବା ପରେ ପୁଣି ନିଜ ଧର୍ମ କୁ ଫେରିଛନ୍ତି। ନିଜ ଧର୍ମ କୁ ଫେରିବା ପାଇଁ ଗାଁ ମୁଖିଆଙ୍କ ଉପସ୍ଥିତିରେ ସମସ୍ତ ନିୟମ ପାଳନ କରିଥିଲେ। ଗାଁ ରେ ନିୟମ ଅନୁସାରେ ଭୋଜିଭାତ ସହିତ ୩ ଗୋଟି ହାଣ୍ଡିଆ ହାଣ୍ଡି, ୫ ଗୋଟି କୁକୁଡ଼ା, ଛେଳି ଆଦି ଦେବା ସହିତ ଏକ ଉଇ ହୁଙ୍କା ଭିତରେ ପଶି ବାହାରିଥିଲେ ପୁରା ପରିବାର। ଆଉ ତା ପରେ ପୁରା ପରିବାର ସାର୍ନା ଧର୍ମକୁ ଫେରିଛନ୍ତି।

## ମାଲକାନଗିରି ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ମାଲକାନଗିରି, (ମହାଭାରତ):ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା କମାଇବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ମାଲକାନଗିରି ବ୍ଲକ ବି.ଏଲ.ପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଡୋଳାମଣି ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ରହି ସିଧାସଳଖ ଜନସାଧାରଣଙ୍କ ସହ ଯୋଡ଼ି ହୋଇଥିଲେ । ସେମାନେ ଲୋକଙ୍କ ବିଭିନ୍ନ ଗୁରୁତର ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିବା ସହିତ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ସମୁଦାୟ ୨୮ ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ ୦୧ ଟି ବ୍ୟକ୍ତିଗତ ସମସ୍ୟା ଏବଂ ୨୭ ଟି ଗ୍ରାମ୍ୟ ଭିତ୍ତିଭୂମି ଓ ସାମୂହିକ ସମସ୍ୟା ରହିଥିଲା।ଅଭିଯୋଗ ଶୁଣାଣି ସହ ଜିଲ୍ଲାପାଳ ସେଠାରେ ସରକାରୀ ସହାୟତା ପ୍ରଦାନ ପାଇଁ ଆୟୋଜିତ ହୋଇଥିବା ବିଭିନ୍ନ ବିଭାଗୀୟ କ୍ୟାମ୍ପ ବୁଲି ଦେଖିଥିଲେ। ଏହି ଅବସରରେ ସେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସେମାନଙ୍କ ସୁବିଧା-ଅସୁବିଧା ବାବଦରେ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ ବି.ଏଲ.ପୁର ସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ସେଠାକାର ଭିତ୍ତିଭୂମି, ଶିଶୁମାନଙ୍କ ପାଇଁ ଥିବା ଖାଦ୍ୟପେୟ ଓ ସେବାର ସମୀକ୍ଷା କରିଥିଲେ।ବି.ଏଲ.ପୁର ସହିତ ଜିଲ୍ଲାର ଅନ୍ୟ ୬ଟି ପ୍ରମୁଖ ଗ୍ରାମ ପଞ୍ଚାୟତ ଯଥା ପଡିଆ, ସୋମନାଥପୁର, କଦମଗୁଡା, ବଡପଦର, କଟାପାଲ୍ଲୀ ଏବଂ ଗୋମ୍ପାକୋଣ୍ଡାରେ ମଧ୍ୟ ସମାନ୍ତରାଳ ଭାବେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସବୁ ପଞ୍ଚାୟତରେ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟାକୁ ନିକଟରୁ ବୁଝିବା ସହ ତୁରନ୍ତ ସମାଧାନ ପାଇଁ କାର୍ଯ୍ୟ କରିଛନ୍ତି।

## ଲକ୍ଷ୍ମୀ ବସ୍ ଚାଳକଙ୍କ ମହାନତା ବଞ୍ଚାଇଲେ ଦୁଇ ଆହତଙ୍କ ଜୀବନ



ଗଣିଆ,(ମହାଭାରତ): ବିପତ୍ତି ସମୟରେ ହିଁ ପ୍ରକୃତ ମଣିଷପଣିଆର ପରିଚୟ ମିଳିଥାଏ, ଏହାକୁ ଆଜି ପ୍ରମାଣିତ କରି ଦେଖାଇଛନ୍ତି ଜଣେ 'ଲକ୍ଷ୍ମୀ ବସ୍'ର ଚାଳକ। ବଜ୍ରପାତର ଶିକାର ହୋଇଥିବା ଜଣେ ନାବାଳିକା ଓ ଦୁଇଜଣ ଆହତଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇ ସେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ତାଙ୍କର ଏହି ମହାନତା ପାଇଁ ଗଣିଆ ବ୍ଲକର ସମସ୍ତ ଜନସାଧାରଣ ତାଙ୍କୁ ଭୂରି ଭୂରି ପ୍ରଶଂସା କରିବା ସହ ସାବାସୀ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଗଣିଆ ବ୍ଲକ ଅଞ୍ଚଳରେ ଘଡ଼ଘଡ଼ି ସହ ବଜ୍ରପାତ ହେବା ଫଳରେ ଜଣେ ନାବାଳିକାଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେହି ସମୟରେ ସ୍ଥାନୀୟ ରୁଟ୍ରେ ଚାଲୁଥିବା ସରକାରୀ 'ଲକ୍ଷ୍ମୀ ବସ୍'ର ଡ୍ରାଇଭର ଦିଗମ୍ବର ବେହେରା କୌଣସି ସମୟ ନଷ୍ଟ ନକରି, ମାନବିକତାକୁ ଆଗରେ ରଖି ସମସ୍ତ ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇ ଆସିଥିଲେ। ଯଦିଓ ନାବାଳିକା ଜଣଙ୍କୁ ବଞ୍ଚାଯାଇ ପାରିନାହିଁ, ମାତ୍ର ଚାଳକଙ୍କ ଠିକ୍ ସମୟରେ ନିଆଯାଇଥିବା ପଦକ୍ଷେପ ଯୋଗୁଁ ଅନ୍ୟ ଦୁଇଜଣ ଆହତଙ୍କ ଜୀବନ ରକ୍ଷା ହୋଇପାରିଛି। ବସ୍ ଚାଳକଙ୍କ ଏଭଳି ନିସ୍ୱାର୍ଥପର ସେବା ଓ ସାହସିକତା ବିଷୟ ଜାଣିବା ପରେ ସ୍ଥାନୀୟ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ନିଜେ ସମ୍ପୃକ୍ତ ଡ୍ରାଇଭର ଦିଗାମ୍ବର ବେହେରାଙ୍କ ବାସଭବନରେ ଛାମୁଣ୍ଡିଆ ପଞ୍ଚାୟତ କନ୍ଧଜିଲିଣ୍ଡା ଗ୍ରାମରେ ପହଞ୍ଚିଥିଲେ। ସେ ସେଠାରେ ବସ୍ ଚାଳକଙ୍କ ମହାନତା ଆଗରେ ନତମସ୍ତକ ହୋଇ ତାଙ୍କୁ ସଶ୍ରଦ୍ଧ ପ୍ରଣାମ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଆଜିର ସମାଜରେ ଏଭଳି ପରୋପକାରୀ ମନୋଭାବ ବିରଳ। ନିଜ କର୍ତ୍ତବ୍ୟରୁ ଊର୍ଦ୍ଧ୍ୱକୁ ଯାଇ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଯେଉଁ ସାହସ ସେ ଦେଖାଇଛନ୍ତି, ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ, ବୋଲି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲକ୍ଷ୍ମୀ ବସ୍ ଚାଳକଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି ଏବଂ ପ୍ରତ୍ୟେକ ନାଗରିକ ତାଙ୍କୁ ସାଧୁବାଦ ଜଣାଉଛନ୍ତି।

## ଆସିକା ଡାକ କର୍ମଚାରୀ ସୀମାଞ୍ଚଳ ମହାରଣା ପାଇଲେ ଅନ୍ତର୍ଜାତୀୟ ଫିଲ୍ମ ପୁରସ୍କାର





ଆସିକା(ମହାଭାରତ): ଡାକ ମଣ୍ଡଳରେ କାର୍ଯ୍ୟରତ ଯୁବ ଲେଖକ ତଥା ଆମ କଳା ଆମ ସଂସ୍କୃତି ସମ୍ମାନ ପ୍ରାପ୍ତ କାହାଣୀକାର ସୀମାଞ୍ଚଳ ମହାରଣାଙ୍କୁ ଅନ୍ତର୍ଜାତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ସଂଳାପକାର ପୁରସ୍କାର ପ୍ରଦାନ କରାଯାଇଛି। ଗତ ମଇ ୧୭ ତାରିଖ ରବିବାର ଦିନ ସଂଧ୍ୟାରେ ଔରଙ୍ଗାବାଦର ମୌଲାନା ଅବଦୁଲ କଲାମ ଆଜାଦ ରିସର୍ଚ୍ଚ ସେଣ୍ଟର୍ ଠାରେ ଆୟୋଜିତ ରିଲସ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ପୁରସ୍କାର ପ୍ରଦାନ ସମାରୋହରେ ଶ୍ରେଷ୍ଠ ସଂଳାପକାର ବର୍ଗରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛ। ମିସ୍ ଏସିଆ ୱାର୍ଲଡ ବିଜୟିନୀ ମଡେଲ ଗାୟତ୍ରୀ ରୋହଙ୍କର ଏବଂ ମିସ୍ ନେପାଳ ବିଜୟିନୀ ମଡେଲ ନିତୁ କୋଇରାଲା ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ତଥା ଏଡିଟର୍ ରୁନା ଲେଲା ଏହି ସମାରୋହରେ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ସୀମାଞ୍ଚଳ ମହାରଣାଙ୍କୁ ପୁରସ୍କୃତ କରିଥିଲେ । ଡିକେ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନିର୍ଦ୍ଦେଶକ କ୍ରିଷ୍ଣା ଡିକେଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର ଅଦମ୍ୟର କାହାଣୀ ଓ ସଂଳାପ ପ୍ରସ୍ତୁତ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହା ବାଦ୍ ଫିଲ୍ମ ଅଦମ୍ୟ ପାଇଁ ନିର୍ଦ୍ଦେଶକ କ୍ରିଷ୍ଣା ଡିକେଙ୍କୁ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ବର୍ଗରେ ଓ ବିବେକ କୁମାର ଡାକୁଆଙ୍କୁ ଶ୍ରେଷ୍ଠ ଅଭିନେତା ବର୍ଗରେ ମଧ୍ୟ ପୁରସ୍କୃତ କରାଯାଇଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଲୋକ କଳା ଉପରେ ଫିଲ୍ମର କାହାଣୀ ପ୍ରସ୍ତୁତ ହୋଇଛି। ଏହି ମହୋତ୍ସବରେ ଭାରତ ସମେତ ଆମେରିକା, ଫ୍ରାନ୍ସ, ଋଷ, ବ୍ରାଜିଲ, ଜର୍ମାନୀ, ଇଟାଲୀ, ଅଷ୍ଟ୍ରେଲିଆ, ଇଂଲଣ୍ଡ, କାନାଡା, ଶ୍ରୀଲଙ୍କା, ତୁର୍କୀ, ଗ୍ରୀସ୍, ଦକ୍ଷିଣ କୋରିଆ, ସ୍ପେନ, ନେଦରଲ୍ୟାଣ୍ଡ, ୟୁକ୍ରେନ, ଇସ୍ରାଏଲ, ଲେବାନନ୍, ସର୍ବିଆ, ଫିଲିପାଇନ୍ସ, ସିଙ୍ଗାପୁର, ରୋମାନିଆ, ମଣ୍ଟିନିଗ୍ରୋ, ଇଜିପ୍ଟ, ଆୟରଲ୍ୟାଣ୍ଡ, ପାଲେଷ୍ଟାଇନ୍, ଓମାନ, ମରକ୍କୋ, ୟୁଏଇ ଭଳି ବିଶ୍ୱର ପ୍ରମୁଖ ୬୫ଟି ଦେଶରୁ ୧୫୦୦ ରୁ ଉର୍ଦ୍ଧ୍ୱ ସିନେମା ଭାଗ ନେଇଥିଲେ।ପ୍ରତିଯୋଗୀତାରେ ବିଚାରକ ମଣ୍ଡଳୀରେ ରହିଥିଲେ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ତଥା ଏଡିଟର୍ ରୁନା ଲେଲା, ଫ୍ରାନ୍ସ ଅଭିନେତ୍ରୀ ଆଦ୍ରି କ୍ୟୋତୁରୀ, ଇଜିପ୍ଟ ଫିଲ୍ମ ନିର୍ଦ୍ଦେଶକ ମହମ୍ମୁଦ-ମହମ୍ମୁଦ, ପର୍ତ୍ତୁଗାଲ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ କାର୍ଲସ କୋଏଲୋ କୋଷ୍ଟା ଏବଂ ଫିଲିପାଇନସ ଅଭିନେତା ଗେରାଲଡ୍ ଯୁମାୱାନ୍ୟ ଅତୀତରେ ଆସିକା ଥାନା ଭାରତର ଶ୍ରେଷ୍ଠ ଥାନା ଭାବେ ପୁରସ୍କାର ପାଇବା ପରେ ସେହି ସଫଳତାର କଥାବସ୍ତୁକୁ ନେଇ ନିର୍ମିତ ଫିଲ୍ମ ଅଦ୍ୱିତୀୟ ପାଇଁ ସୀମାଞ୍ଚଳ ମହାରଣାଙ୍କୁ ଆଫ୍ରିକା ମହାଦେଶ ତଥା ଭାରତର ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରୁ ୪ଟି ଅର୍ନ୍ତଜାତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ଲେଖକ ତଥା କାହାଣୀକାର ପୁରସ୍କାର ମିଳିଥିଲା। ଏହି ସଫଳତା ପରେ ତାଙ୍କୁ ଡାକ ବିଭାଗ ତଥା ଆସିକା ବୁଦ୍ଧିଜୀବି ମହଲରୁ ପ୍ରଶଂସାର ସୁଅ ଛୁଟିଛି।

# ଚିଙ୍ଗୁଡ଼ି ଡାଲମା



ଆବଶ୍ୟକୀୟ ସାମଗ୍ରୀ : ହରଡ଼ ଡାଲି, ଛୋଟ ଚିଙ୍ଗୁଡ଼ି, ବୋଇତାଳୁ (ବୋଇତି କଖାରୁ), କଞ୍ଚା କଦଳୀ, ଆଳୁ, ଫୁଲ କୋବି, ଟମାଟୋ, ପିଆଜ଼, ରସୁଣ, ଅଦା, ପଞ୍ଚଫୁଟଣ, ଶୁଖିଲା ଲଙ୍କା, ଅଳେଇଚ, ଡାଲଚିନି, ତେଜ ପତ୍ର, ଗୋଟା ଜିରା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, ଧଣିଆ ପତ୍ର, ଲୁଣ

ପ୍ରସ୍ତୁତି ପ୍ରଣାଳୀ : ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ ଏଥିରେ ଲୁଣ ଓ ହଳଦୀ ଦେଇ ଗୋଳେଇ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ସେମିତି ଛାଡ଼ି ଦିଅନ୍ତୁ। ତା'ଭିତରେ ଡାଲମା ପାଇଁ ଆବଶ୍ୟକ ପରିବା କାଟି ଦିଅନ୍ତୁ। ପରିବା କଟା ସରିବା ପରେ ଚିଙ୍ଗୁଡ଼ିକୁ କଡ଼େଇରେ ଭାଜି ଦିଅନ୍ତ। ଏ କାମ ସରିବା ପରେ ପ୍ରେସର କୁକରରେ ଆବଶ୍ୟକ ଅନୁସାରେ ପାଣି ଦେଇ ସେଥିରେ ଡାଲି, କଟା ଫୁଲ କୋବି, ବୋଇତି କଖାରୁ, ଆଳୁ, ଟମାଟୋ, କଞ୍ଚା କଦଳୀ, ଲୁଣ ଓ ହଳଦୀ ଦେଇ ଗ୍ୟାସ୍ ଚୁଲିରେ ବସାନ୍ତୁ। ତିନୋଟି ସିଟି ମାରିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପିଆଜ, ଅଦା, ରସୁଣ, ଶୁଖିଲା ଲଙ୍କା, ଡାଲଚିନି ଆଉ ଅଳେଇଚକୁ ବାଟି ପେଷ୍ଟ ବନାନ୍ତୁ। ଏହା ପରେ କଡ଼େଇକୁ ଚୁଲିରେ ବସାନ୍ତୁ। ଏଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲେ ତେଜ ପତ୍ର ଓ ଫୁଟଣ ପକାନ୍ତୁ। ଏହା ପରେ ମସଲା ପେଷ୍ଟ ପକାଇ କଷନ୍ତୁ। ଅଳ୍ପ ସମୟ ପରେ ଏଥିରେ ଛୋଟ ଛୋଟ କରି କଟାଯାଇଥିବା ଟମାଟୋ ଖଣ୍ଡଗୁଡ଼ିକୁ ପକାନ୍ତୁ। ଅଳ୍ପ କଷି ସାରିଲା ପରେ ଭଜା ଚିଙ୍ଗୁଡ଼ିକୁ ସେଥିରେ ପକାନ୍ତୁ ଓ ଦୁଇରୁ ତିନି ମିନିଟ୍ କଷନ୍ତୁ। ପରେ କୁକରରେ ଥିବା ଡାଲି ଓ ପରିବା ସିଝାକୁ କଡ଼େଇ ପକାଇ ୧୦ ମିନିଟ୍ ଫୁଟାନ୍ତୁ। ଶେଷରେ ଧନିଆ ପତ୍ର ଓ ଜିରା-ଲଙ୍କା ଗୁଣ୍ଡ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଡାଲମା।

## ଖବର

# କ୍ଷମାଶୀଳ ଭଗବାନ ବୁଦ୍ଧ



ଥରେ ଗୌତମ ବୁଦ୍ଧ ଉପଦେଶ ଦେଉଥାନ୍ତି-ମନୁଷ୍ୟ ଧରିତ୍ରୀ ମାତା ଭଳି କ୍ଷମାଶୀଳ ହେବା ଉଚିତ। କ୍ରୋଧ ଏକ ପ୍ରକାରର ଅଗ୍ନି । ତା'ଠାରୁ ଦୂରେଇ ରହିବା ରହିବା ଉଚିତ୍ । ନଚେତ୍ ଏହି ଅଗ୍ନି ଅନ୍ୟକୁ ଜଳାଇବା ସହ ନିଜକୁ ମଧ୍ୟ ଜଳାଇ ଦେଇଥାଏ । ବୁଦ୍ଧଙ୍କ ଏହି ଉପଦେଶ ଜଣେ କ୍ରୋଧୀ ବ୍ୟକ୍ତି ଶୁଣୁଥିଲା । କ୍ରୋଧ ବିରୋଧରେ ଉପଦେଶ ଲୋକଟିକୁ ଭଲ ଲାଗିଲା ନାହିଁ । ସେ ଛିଡ଼ା ହୋଇ କହିଲା, ହେ କପଟୀ ! ବଡ଼ ବଡ଼ କଥା କହୁଛୁ । ତୁ ଜନତାଙ୍କ ବ୍ୟବହାର ବିରୋଧରେ କଥାବାର୍ତ୍ତା କରୁଛୁ । ଲୋକଟିର କଥା ଶୁଣି ବୁଦ୍ଧ ଶାନ୍ତ ରହିଲେ । ଲୋକଟି ଅଧିକ ରାଗିଗଲା ଏବଂ ବୁଦ୍ଧଙ୍କ ପାଖକୁ ଆସି ତାଙ୍କୁ ଛେପ ପକାଇଲା । ପରଦିନ ବୁଦ୍ଧ ନିଜ ଶିଷ୍ୟମାନଙ୍କ ସହ ଅନ୍ୟ ଏକ ଗ୍ରାମକୁ ଚାଲିଗଲେ । ଅପରପକ୍ଷରେ ଉକ୍ତ କ୍ରୋଧୀ ଲୋକଟି ସେତେବେଳକୁ ଶାନ୍ତ ହୋଇ ସାରିଥିଲା । ସେ ନିଜ କର୍ମ ପାଇଁ ପଶ୍ଚାତାପ କରୁଥିଲା । ସେ ବୁଦ୍ଧଙ୍କ ସନ୍ଧାନରେ ବାହାରିଗଲା । ଶେଷରେ ବୁଦ୍ଧ ଯେଉଁ ଗ୍ରାମରେ ଉପଦେଶ ଦେଉଥିଲେ, ସେଠାରେ ଲୋକଟି ପହଞ୍ଚିଲା । ଲୋକଟି ଯାଇ ବୁଦ୍ଧଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ମୋତେ କ୍ଷମା କରି ଦିଅନ୍ତୁ । ବୁଦ୍ଧ କହିଲେ, କ'ଣ ହେଲା ? ତୁମେ କିଏ ? କ୍ରୋଧୀ ଲୋକଟି ଆଶ୍ଚର୍ଯ୍ୟ ସହକାରେ କହିଲା, ଆପଣ ଭୁଲି ଯାଇଛନ୍ତି, ମୁଁ ସେହି ଦୁଷ୍ଟ ଯିଏ ଆପଣଙ୍କ ମୁହଁରେ ଛେପ ପକାଇଥିଲା । ନିଜର ଦୁଷ୍ଟ ଆଚରଣ ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି । ବୁଦ୍ଧ କହିଲେ, କାଲି କଥା ତ' ମୁଁ କାଲିରେ ହିଁ ଛାଡ଼ି ଆସିଛି । କିନ୍ତୁ ତୁମେ ଏପର୍ଯ୍ୟନ୍ତ ସେଇଠି ଅଛ । ତୁମେ ଏଯାଏଁ ଆଜିରେ ପ୍ରବେଶ କରି ନାହଁ କାଲି କଥା ଭାବି ବ ତ' ତୁମର ଆଜି ନଷ୍ଟ ହୋଇଯିବ । ସବୁ ଖରାପ କଥାକୁ ଯଦି ମନେ ରଖାଯାଏ, ତେବେ ବର୍ତ୍ତମାନ ଏବଂ ଭବିଷ୍ୟତ ଅଟକି ଯିବ । ଏମିତି ଜୀବନ କିପରି ଚାଲିବ ତୁମେ ବି ଆଜିକୁ ଚାଲିଆସ । ଲୋକଟି ବୁଦ୍ଧଙ୍କ କଥାର ମର୍ମ ବୁଝିପାରି ତାଙ୍କ ଶରଣାପନ୍ନ ହେଲା ।

# ପୁରୁଷଙ୍କ ତ୍ୱଚା ପାଇଁ ପରଫେକ୍ଟ ଏହି ଫେସପ୍ୟାକ




ଯୁବତୀମାନେ ନିଜକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଯୁବକମାନେ ଏହି କ୍ଷେତ୍ରରେ ନିଜର ସମୟ କମ୍ ଦେଇଥାନ୍ତି । କିନ୍ତୁ ଆଜିକାଲିର ଯୁବକ ନିଜକୁ ଷ୍ଟାଇଲିଶ ଏବଂ ସୁନ୍ଦର କରିବା ପାଇଁ କିଛି ମାତ୍ରାରେ ଏଥିପତି ସମୟ ଦେବାକୁ ଆରମ୍ଭ କଲେଣି । ଯୁବତୀମାନଙ୍କ ତ୍ୱଚା ତୁଳନାରେ ଯୁବକଙ୍କ ସ୍କିନ ଟାଇପ ଅଲଗା ଅଲଗା ହୋଇଥାଏ । ଯଦି ଯୁବକମାନେ ନିଜର ତ୍ୱଚାକୁ ସୁନ୍ଦର କରିବାକୁ ଚାହୁଁଛନ୍ତି, ତେବେ କମଳା ଚୋପାର ଫେସପ୍ୟାକ ସର୍ବୋତ୍ତମ ରହିଥାଏ । କମଳା ଚୋପାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଯୋଗୁଁ ସ୍କିନ ପୋରର୍ସ ଖୋଲିଯାଇଥାଏ । ଏହାକୁ ପୁରୁଷମାନେ ବ୍ୟବହାର କରିବା ଯୋଗୁଁ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ । ତେବେ ଆସନ୍ତୁ ଜାଣିବା କିପରି କରିବା ବ୍ୟବହାର

ଆବଶ୍ୟକୀୟ ସାମଗ୍ରୀ : କମଳା ଚୋପା, ଦହି ଏକ ବଡ ଚାମଚ,

କିପରି କରିବେ ବ୍ୟବହାର : ସର୍ବପ୍ରଥମେ କମଳା ଚୋପାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ । ଏବେ ଏଥିରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଏହାକୁ ମୁହଁରେ ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡିଦିଅନ୍ତୁ। ଏହା ହାଲକା ଭାବେ ଶୁଖିଗଲା ପରେ ମୁହଁକୁ ପାଣିରେ ଧୋଇଦିଅନ୍ତୁ। ଧୋଇବା ସାରିବା ପରେ ଆପଣ ନିଶ୍ଚିତ ଫରକ ଅନୁଭବ କରିପାରିବେ।

# ବେଶୀ ସମୟ କମ୍ପ୍ୟୁଟର ସାମ୍ନାରେ ବସିରହୁଛନ୍ତି କି ? ଜାଣନ୍ତୁ ଏହାର ଅପକାରିତା





ଅଫିସରେ କିମ୍ବା ଯେକୌଣସି କର୍ମକ୍ଷେତ୍ରରେ ଦୀର୍ଘ ସମୟ ଧରି ବସି ରହିବା ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯିବାର ନଜିର ରହିଛି ଗୋଟିଏ ସ୍ଥାନରେ କିମ୍ବା କମ୍ପ୍ୟୁଟର ସାମ୍ନାରେ ଦୀର୍ଘ ସମୟ ଧରି ପର୍ଯ୍ୟନ୍ତ ବସି ରହିବା ହାର୍ଟ ପାଇଁ କ୍ଷତିକାରକ ହୋଇଥାଏ ଏଠି ଯୋଗୁଁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଏ ହୃଦ ସମ୍ବନ୍ଧୀୟ, ଡାଇବେଟିସ, ମେଦବହୁଳତା, ଉଚ୍ଚ ରକ୍ତଚାପ, ଓଭାରିଆନ କ୍ୟାନସର, କୋଲୋନ କ୍ୟାନସର ଭଳି ସମସ୍ୟା ସୃଷ୍ଟି ହୋଇଥାଏ ଦୀର୍ଘ ସମୟ ବସି ରହିବା ଫଳରେ ଶରୀରର ବିଭିନ୍ନ ଅଙ୍ଗକୁ ରକ୍ତ ସଂଚାଳନ ମଧ୍ୟ ଠିକ ଭାବେ ହୋଇନଥାଏ ଅଧିକ ସମୟ ବସି ରହିବା ଫଳରେ ଗୋଡର ମାଂସପେଶୀ ଗୁଡିକ ଦୁର୍ବଳ ହେଇଯାଏ ତଥ୍ୟ ଅନୁଯାୟୀ ଯେଉଁମାନେ ଅଧିକ ସମୟ ବସି ରହନ୍ତି ସେମାନଙ୍କ ମଧ୍ୟରେ ହୃଦଘାତର ସମ୍ଭାବନା ୧୪୭ ପ୍ରତିଶତ ଅଧିକ ଥାଏ ତେବେ ଆମେରିକା ଜର୍ଣ୍ଣାଲ ଅଫ ନର୍ସିଙ୍ଗ ତଥ୍ୟ ଅନୁସାରେ ଅଧିକ ସମୟ ବସିରହି କାମ କରୁଥିବା ପୁରୁଷଙ୍କ ମଧ୍ୟରେ କୋଲୋନ କ୍ୟାନସର ହେବାର ସମ୍ଭାବନା ୨୦ ପ୍ରତିଶତ ଅଧିକ ।

# ଝରଣାର ଶବ୍ଦରେ ମନ ପ୍ରଫୁଲ୍ଲିତ କରୁଛି ଗଡ଼ଚଣ୍ଡୀ ପୀଠ



ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ପ୍ରକୃତି ରାଣୀର ଅନେକ ଅପୂର୍ବ ସୃଷ୍ଟି ଏଠାରେ ଦେଖିବାକୁ ମିଳେ। ଯେଉଁଥିପାଇଁ ରାଜ୍ୟ ତଥା ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଛୁଟି ଆସନ୍ତି ଏଠାକୁ , ଆଉ ଉପଭୋଗ କରନ୍ତି ପରିବେଶରେ ଅପରୂପ ସୁନ୍ଦରତାକୁ । ଏହି ସବୁ ଭିତରେ ରାଜ୍ୟରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି ଯେଉଁଠାରେ ସବୁଜ ପରିବେଶ ଭରପୂର ମାତ୍ରାରେ ଭରି ହୋଇରହିଛି। ତା ସାଙ୍ଗକୁ କୂଳୁ କୂଳୁ ଝରଣାର ଶବ୍ଦ ମନକୁ ପ୍ରଫୁଲ୍ଲିତ କରୁଛି।

ଏମିତି ଏକ ସ୍ଥାନ ରହିଛି କେନ୍ଦୁଝର ଜିଲ୍ଲାରେ। ଜିଲ୍ଲାର ଆନନ୍ଦପୁର ସଦର ମହକୁମା ଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ପସିଦ୍ଧ ଗଡ଼ଚଣ୍ଡୀ ମନ୍ଦିର। ବଉଳା ପାହାଡ଼ ପାଦଦେଶରେ ସୁନାଘାଇ ଝରଣାର କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶରେ ଅବସ୍ଥିତ ଏହି ମନ୍ଦିର। ଏହି ମନ୍ଦିରରେ ଅଷ୍ଟଭୂଜା ଦେବୀ ଦୁର୍ଗା ମୂର୍ତ୍ତି, ମା ଗଡ଼ଚଣ୍ଡୀ ରୂପେ ପୂଜା ପାଇ ଆସୁଛନ୍ତି।



ପ୍ରକୃତିର ଅପରୂନ ସୌନ୍ଦର୍ଯ୍ୟରେ ଭରା ଏହି ପୀଠକୁ ନିଜେ ନଦେଖାଇଲେ ବିଶ୍ୱାସ କରିହେବ ନାହିଁ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଗଡ଼ଚଣ୍ଡୀ ପୀଠ କାହିଁ କେଉଁ ଆବହମାନ କାଳରୁ ଏହି ପାହାଡ଼ ର ପ୍ରତିଷ୍ଠିତ ହୋଇଛି। ଏହି ପୀଠରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଛଡ଼ା କାର୍ତ୍ତିକ, ଗଣେଶ ଶିବଲିଙ୍ଗ, ବୌଦ୍ଧ ଓ ଜୈନ ମୂର୍ତ୍ତିମାନ ଦେଖିବାକୁ ମିଳିଥାଏ। ପୂର୍ବରୁ ଏହି ଅଂଚଳରୁ ଅନେକ ଜୈନ ଓ ବୌଦ୍ଧ ମୂର୍ତ୍ତି ଉଦ୍ଧାର ହୋଇ ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି। ତେଣୁ ଅନୁମାନ କରାଯାଏ ଏଠାରେ ଏକ ପୁରାତନ ସଭ୍ୟତା ଥିଲା।

# କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳି। ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ



ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକ।

ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତ। ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକ। ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟ। କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କଲେ ୩ ଟିମ୍

## ଏବେ ୫ ଟିମ ମଧ୍ୟରେ ଫାଇନାଲ ସ୍ଥାନ ପାଇଁ ଲଢେଇ



ନୂଆଦିଲ୍ଲୀ, ୧୯।୫: ଆଇପିଏଲ ୨୦୨୬ ପ୍ଲେଅଫରେ ତିନୋଟି ଦଳ ପୂର୍ବରୁ ସେମାନଙ୍କର ସ୍ଥାନ ନିଶ୍ଚିତ କରିସାରିଛନ୍ତି। ସୋମବାର ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିବା ପରେ, ସନରାଇଜର୍ସ ହାଇଦ୍ରାବାଦ ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିଛି; ପରବର୍ତ୍ତୀ ସମୟରେ, ଗୁଜୁରାଟ ଟାଇଟାନ୍ସ ମଧ୍ୟ ଆନୁଷ୍ଠାନିକ ଭାବରେ ପ୍ଲେଅଫରେ ସେମାନଙ୍କର ସ୍ଥାନ ସୁରକ୍ଷିତ କରିଛି। ଦୁଇଟି ଦଳ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସଶ୍ୱଭ ଆନୁଷ୍ଠାନିକ ଭାବରେ ବାଦ ଦିଆଯାଇଛି, ଯେତେବେଳେ ପାଞ୍ଚଟି ଦଳ (ପିବିକେଏସ, ସିଏସକେ, କେକେଆର, ଆରଆର ଏବଂ ଡିସି) ବାକି ଥିବା ଗୋଟିଏ ପ୍ଲେଅଫ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି।

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ ୨୦୨୬ ପ୍ଲେଅଫରେ ପହଞ୍ଚିଥିବା ପ୍ରଥମ ଦଳ ଥିଲା। ସୋମବାର ମ୍ୟାଚରେ ବିଜୟ ହାସଲ କରିବା ପରେ ସନରାଇଜର୍ସ ହାଇଦ୍ରାବାଦର ପ୍ଲେଅଫରେ ପ୍ରବେଶ ନିଶ୍ଚିତ ହୋଇଥିଲା; ଏକକାଳୀନ, ଗୁଜୁରାଟ ଟାଇଟାନ୍ସ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲା। ପଏଣ୍ଟ ଟେବୁଲର ଶୀର୍ଷ ଚାରିଟି ଦଳ ପ୍ଲେଅଫକୁ ଉଠିଛନ୍ତି। ଲିଗ ପର୍ଯ୍ୟାୟରେ ସାତଟି ମ୍ୟାଚ ବାକି ଥିବା ବେଳେ ମୋଟ ପାଞ୍ଚଟି ଦଳ ବର୍ତ୍ତମାନ ଚତୁର୍ଥ ସ୍ଥାନ ପାଇଁ ଦୌଡ଼ରେ ଅଛନ୍ତି।

# ଚେନ୍ନାଇକୁ ପରାସ୍ତ କଲା ହାଇଦ୍ରାବାଦ

## ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ

ଚେନ୍ନାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୩ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ସନରାଇଜର୍ସ ହାଇଦ୍ରବାଦ ୫ ୱିକେଟ୍‌ରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ହାଇଦ୍ରାବାଦର ବ୍ୟାଟର ଇଶାନ କିଶନ ବିସ୍ଫାରକ ବ୍ୟାଟିଂ କରି ନିଜ ଦଳକୁ ବିଜୟୀ କରାଇଛନ୍ତି।

ହାଇଦ୍ରାବାଦ ୧୮୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍ ଇନିଂସ ଆରମ୍ଭ କରିଥିଲେ। କିନ୍ତୁ ଦଳକୁ ପ୍ରାରମ୍ଭିକ ଝଟକା ଲାଗିଥିଲା। ପ୍ରାରମ୍ଭିକ ବ୍ୟାଟର ଦ୍ୱୟ ୧୮ ରନ୍‌ର ଭାଗିଦାରୀ କରିପାରିଥିଲେ। ବିସ୍ଫାରକ ବ୍ୟାଟର ଟ୍ରାଭିସ ହେଡ୍‌ଙ୍କ ବ୍ୟାଟ ଚାଲି ନଥିଲା। ସେ ମାତ୍ର ୬ ରନ୍ ସଂଗ୍ରହ କରିପାରିଥିଲେ। ଚେନ୍ନାଇର ଦ୍ୱିତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା। କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ ଦଳ ପାଇଁ ୨୬ ରନ୍ ଯୋଡିଥିଲେ, ଯେଉଁଥିରେ ସେ ୩ଟି ଚେକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ହାଇଦ୍ରାବାଦ ପାଇଁ ଇଶାନ କିଶନ ସର୍ବାଧିକ ବ୍ୟକ୍ତିଗତ ସ୍କାର କରିଥିଲେ। ସେ ନିଜର ଅର୍ଦ୍ଧଶତକ (୭୦ରନ୍) ବଳରେ ଦଳକୁ ବିଜୟ ଦେବାରେ ବଡ ଭୂମିକା ତୁଲାଇଥିଲେ। ସେହିପରି ହେନ୍‌ରିକ କ୍ଲାସେଁ ୨୬ଟି ବଲ୍ ଖେଳି ୪୭ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୬ଟି ଚେକା ଏବଂ ୨ଟି ଛକା ସାମିଲ ଥିଲା।

ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଏବଂ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଚେନ୍ନାଇ ପାଇଁ ସଂଜୁ ସାମସନ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ। ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୩୧ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ସଂଜୁ ସାମସନଙ୍କ ବ୍ୟକ୍ତିଗତ ୨୭ ରନ୍ ଥିଲା, ଯିଏକି ୧୩ଟି ବଲ୍ ସାମ୍ନା କରି ୫ଟି ଚେକା ଏବଂ ଗୋଟିଏ ଛକା ମାରିଥିଲେ। ଚେନ୍ନାଇର ସ୍କାର ୪୮ ରନ୍‌ରେ ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ଉର୍ଭିଲ ପଟେଲ (୧୩ ରନ୍)। କାର୍ତ୍ତିକ ଶର୍ମା ଦଳର ତୃତୀୟ ଭାବେ ଆଉଟ୍ ହୋଇଥିଲେ। ସେ ବ୍ୟକ୍ତିଗତ ଭାବେ ୧୯ଟି ବଲ୍ ଖେଳି ୩ଟି ଚେକା ଏବଂ ୨ଟି ଛକା ବଳରେ ୩୨ ରନ୍ ସଂଗ୍ରହ କରିଥିଲେ।



ଚେନ୍ନାଇ ପାଇଁ ଡେୱାଲ୍ଡ ବ୍ରେଭିସ୍ ସର୍ବାଧିକ ବ୍ୟକ୍ତିଗତ ସ୍କାର କରିଥିଲେ। ସେ ୨୭ଟି ବଲ୍‌ରୁ ୪୪ ରନ୍ କରିଥିଲେ, ଯେଉଁଥିରେ ୨ଟି ଚେକା ଏବଂ ୪ଟି ଛକା ସାମିଲ ଥିଲା। ଶିଭବ ଦୁବେ ୨୬ ରନ୍ କରିଥିଲେ। ଏଥି ପାଇଁ ୨୩ଟି ବଲ୍ ସାମ୍ନା କରି ୩ଟି ଚେକା ଏବଂ ଗୋଟିଏ ଛକା ମାରିଥିଲେ। ଅଧିନାୟକ ଋତରାଜ ଗାଏକ୍ୱାର୍ଡ ୧୫ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୨୧ଟି ବଲ୍‌ର ସାମ୍ନା କରିଥିଲେ। ପ୍ରଶାନ୍ତ ବୀର (୧୧ରନ୍) ଓ ଅକିଲ ହୁସେନ (୩ରନ୍) ଅପରାଜିତ ଫେରିଥିଲେ।

ହାଇଦ୍ରାବାଦ ପାଇଁ ଅଧିନାୟକ ପେଟ୍ କମିନ୍ସ ସର୍ବାଧିକ ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରି ୨୮ ରନ୍ ଖର୍ଚ୍ଚ କରିଥିଲେ। ସାକିବ ହୁସେନ ୨ଟି, ପ୍ରଫୁଲ୍ଲ ହିଙ୍ଗେ ଏବଂ ଇଶାନ ମାଲିଙ୍ଗା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ଧୋନିଙ୍କୁ ବ୍ୟବହାରରେ ବିଫଳ ହୋଇଛି ସିଏସ୍‌କେ : ମାଞ୍ଜରେକର

ନୂଆଦିଲ୍ଲୀ, ୧୯।୫: ସୋମବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ ପାଇଁ ଏମଏସ ଧୋନିଙ୍କୁ ପ୍ଲେଇଂ ଇଲେଭେନରେ ସାମିଲ କରାଯାଇପାରେ ବୋଲି ଅନେକ କଳ୍ପନାଜଳ୍ପନା କରାଯାଉଥିଲା, ବିଶେଷକରି କାରଣ ଏହା ଚେପକରେ ଚେନ୍ନାଇ ସୁପର କିଙ୍ଗ୍‌ର ଶେଷ ଘରୋଇ ମ୍ୟାଚ ଥିଲା। ତଥାପି, ଧୋନି ଖେଳି ନଥିଲେ। ପୂର୍ବତନ କ୍ରିକେଟର ସଞ୍ଜୟ ମାଞ୍ଜରେକର କହିଛନ୍ତି ଯେ ଧୋନି ଖେଳୁଛନ୍ତି କି ନାହିଁ ସେ ବିଷୟରେ ତାଙ୍କର ଆଗ୍ରହ ଏବେ କମି ଯାଇଛି। ଏସଆରଏଚ ବିପକ୍ଷରେ ପରାଜୟ ପରେ, ଚେନ୍ନାଇର ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିବାର ସମ୍ଭାବନା ବହୁତ କଷ୍ଟକର ହୋଇଗଲାଣି।

ଗତ ୩-୪ ସିଜିନରେ, ସମାନ ପ୍ରଶ୍ନ ବାରମ୍ବାର ଉଠିଛି: କ'ଣ ଏମଏସ ଧୋନି ଆଇପିଏଲରେ ଖେଳିବେ ଯଦିଓ ଧୋନି ଅତୀତରେ ପ୍ରତ୍ୟାବର୍ତ୍ତନ କରିଛନ୍ତି, ଆଗାମୀ ସିଜିନରେ ପ୍ରତ୍ୟାବର୍ତ୍ତନ ଅସମ୍ଭବ ମନେହୁଏ, ବିଶେଷକରି ୨୦୨୬ ଆଇପିଏଲରେ ସେ ଗୋଟିଏ ବି ମ୍ୟାଚ ଖେଳି ନଥିଲେ। ଧୋନି ଫିଟନେସ ସମ୍ବନ୍ଧୀୟ ସମସ୍ୟା ସହିତ ଜଡ଼ିତ ଅଛନ୍ତି। ଏହା ବିଶ୍ୱାସ କରାଯାଉଥିଲା ଯେ ସୋମବାର ଚେପକରେ ଅନୁଷ୍ଠିତ ମ୍ୟାଚ ଧୋନିଙ୍କ ବିଦାୟକାଳୀନ ମ୍ୟାଚ ଭାବରେ କାର୍ଯ୍ୟ କରିପାରିବ। ଏହି ବିଶ୍ୱାସ କିଛି ବର୍ଷ ପୂର୍ବ ସେ ଦେଇଥିବା ଏକ ବିବୃତ୍ତିରୁ ସୃଷ୍ଟି ହୋଇଥିଲା, ଯେତେବେଳେ ତାଙ୍କୁ ତାଙ୍କର ଅବସର ଯୋଜନା ବିଷୟରେ ପଚରାଯିବାରୁ ସେ ସିଏସକେ ଘରୋଇ ଗ୍ରାଉଣ୍ଡରେ ତାଙ୍କର ଶେଷ ମ୍ୟାଚ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସଞ୍ଜୟ ମାଞ୍ଜରେକର ବିଶ୍ୱାସ କରନ୍ତି ଯେ ଚେନ୍ନାଇ ସୁପର କିଙ୍ଗସ ଧୋନିଙ୍କ ନାମ ଏବଂ ପ୍ରତିଷ୍ଠାକୁ ଉପଯୁକ୍ତ ଭାବରେ ପରିଚାଳନା କରିବାରେ ବିଫଳ ହୋଇଛି। ସେ ମନ୍ତବ୍ୟ ଦେଇଥିଲେ ଯେ ଧୋନି ଏକ ବିଦାୟକାଳୀନ ମ୍ୟାଚ ଖେଳିବାକୁ ପାଇବେ କି ନାହିଁ ସେ ବିଷୟରେ ସେ ଏବେ ସମସ୍ତ ଆଗ୍ରହ ହରାଇ ଦେଇଛନ୍ତି, ଫଳରେ ଧୋନିଙ୍କ ନାମ କ୍ଷତିଗ୍ରସ୍ତ ହୋଇଛି।



'ଏକ ସଂକ୍ଷିପ୍ତ, ସଙ୍କୋଚ ଉତ୍ତର ଦେବାକୁ: ଏହା ମୋ ପାଇଁ କୌଣସି ଫରକ ପକାଏ ନାହିଁ,' ସେ କହିଥିଲେ। 'ସେ ଖେଳନ୍ତୁ କି ନାହିଁ ତାହାର କୌଣସି ପ୍ରଭାବ ନାହିଁ। ଚେନ୍ନାଇ ସୁପର କିଙ୍ଗସ ଏହି ପରିସ୍ଥିତିକୁ ଏକ ଅଦ୍ଭୁତ ଉପାୟରେ ପରିଚାଳନା କରିଛି। ମୁଁ ସମଗ୍ର ମାମଲାରେ ସମ୍ପୂର୍ଣ୍ଣ ଆଗ୍ରହ ହରାଇ ଦେଇଛି।'

ସେ ଆହୁରି ମଧ୍ୟ କହିଛନ୍ତି, 'ଏମ ଏସ ଧୋନି ଟିମ ଇଣ୍ଡିଆ ପାଇଁ ଯାହା କରିଛନ୍ତି ତାହା ମୁଁ ସର୍ବଦା ମନେ ରଖିବି; ସେ ମୋର ପ୍ରିୟ ଅଧିନାୟକ ଅଟନ୍ତି – ସର୍ବକାଳୀନ ମହାନ ଅଧିନାୟକମାନଙ୍କ ମଧ୍ୟରୁ ଜଣେ। ଦେଶ ପାଇଁ ସେ ଯାହା କରିଛନ୍ତି ସେଥିପାଇଁ ମୁଁ ତାଙ୍କୁ ପ୍ରଶଂସା କରେ। ତଥାପି, ଧୋନି ଆଉ ପୂର୍ବ ଭଳି ଖେଳାଳି ନାହାନ୍ତି। ଚେନ୍ନାଇ ଫ୍ରାଞ୍ଚାଇଜ ଧୋନିଙ୍କ ନାମ ଏବଂ ପ୍ରତିଷ୍ଠାକୁ ପରିଚାଳନା କରିବାରେ ଭୁଲ କରିଛି, ଏବଂ ଏହା ଦଳର ପ୍ରଦର୍ଶନ ଉପରେ ଏକ ସ୍ପଷ୍ଟ ପ୍ରଭାବ ପକାଇଛି। ଧୋନି ବିଦାୟ ମ୍ୟାଚ ଖେଳିବେ କି ନାହିଁ ତାହା ତାଙ୍କ ଏବଂ ତାଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଏକ ବିଷୟ। ମୁଁ ତାଙ୍କ ଶିଖରରେ ମୁଁ ଦେଖିଥିବା ଧୋନିଙ୍କୁ ମନେ ରଖିବାକୁ ପସନ୍ଦ କରିବି ଯିଏ ଚେନ୍ନାଇ ଏବଂ ଟିମ ଇଣ୍ଡିଆ ପାଇଁ ଖେଳିଥିଲେ। ଯଦି ଏହି ଦଳ ତାଙ୍କ ଶିଖର ସମୟରେ ଧୋନିଙ୍କ ଅଧିନାୟକତ୍ୱରେ ଥାଆନ୍ତା, ତେବେ ସେମାନେ ନିସନ୍ଦେହରେ ପ୍ଲେଅଫରେ ସ୍ଥାନ ପାଇଥାଆନ୍ତେ।'

# କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଭିନେଶ

ନୂଆଦିଲ୍ଲୀ, ୧୯।୫: ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫଆଇ) ସହିତ ଚାଲିଥିବା ବିବାଦ ମଧ୍ୟରେ ଜାତୀୟ ରେସଲିଂ ଚୟନ ପ୍ରକ୍ରିୟାରୁ ବାଦ୍ ଦିଆଯିବାକୁ ନେଇ ଭାରତୀୟ ରେସଲର ଭିନେଶ ଫୋଗଟ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ଶୁଣାଣି କରି ଅନ୍ତିମ ନିର୍ଦ୍ଦେଶ ଦେବା ପୂର୍ବରୁ ଡବ୍ଲ୍ୟୁଏଫଆଇର ଚୟନ ନୀତିକୁ ଅଧ୍ୟୟନ କରିବେ ବୋଲି ଦିଲ୍ଲୀ ହାଇକୋର୍ଟ ସୋମବାର କହିଛନ୍ତି। ଭିନେଶ ଗତ ସପ୍ତାହରେ ଜାତୀୟ ଓପନ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ଉତ୍ତରପ୍ରଦେଶର ଗୋଣ୍ଡାରେ ପହଞ୍ଚି ଥିଲେ। ଏହି ଇଭେଣ୍ଟ ଜରିଆରେ ସେ ରେସଲିଂକୁ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ରଖିଥିଲେ। ହେଲେ ଫେଡେରେଶନ ତାଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ କହିଥିଲା।



# ପାକିସ୍ତାନ ସମ୍ମୁଖରେ ୪୩୭ ରନ୍ ଲକ୍ଷ୍ୟ

ସିଲ୍‌ହଟ: ପ୍ରଥମ ଟେଷ୍ଟ୍‌ରେ ପରାଜିତ ପାକିସ୍ତାନ ସମ୍ମୁଖରେ ଶୃଙ୍ଖଳା ବରାବର ପାଇଁ ୪୩୭ ରନ୍‌ର ବିଜୟ ଲକ୍ଷ୍ୟ ଦେଇଛି ବାଂଲାଦେଶ। ସିଲହଟ୍‌ରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ୍‌ରେ ମୁସ୍‌ଫିକର ରହିମଙ୍କ ଲୁଆ ଶତକ ଏବଂ ଲିଟନ୍ ଦାସଙ୍କ ଆଉ ଏକ ବିଆ ପାଳି ବଳରେ ବାଂଲାଦେଶ କିନ୍ତୁ ଶୃଙ୍ଖଳାକୁ ୨-୦ରେ ମୂଳପୋଛ କରି ଜିତିବାର ସମ୍ଭାବନା ସୃଷ୍ଟି କରିଛି।

ଲିଟନ୍ ଦାସଙ୍କ ଶତକ (୧୨୬) ବଳରେ ବାଂଲାଦେଶ ପ୍ରଥମ ପାଳିରେ ୨୭୮ ରନ୍ କରିଥିଲା। ପାକିସ୍ତାନ କିନ୍ତୁ ପ୍ରଥମ ପାଳିରେ ୨୩୨ ରନ୍ ସଂଗ୍ରହ କରି ୪୬ ରନ୍ ପଛରେ ରହିଯାଇଥିଲା। ବାବର ଆଜମ ସର୍ବାଧିକ ୬୮ ରନ୍ କରିଥିଲେ। ନାହିଦ ରାଣା-ତେଜୁଲ ଇସ୍‌ଲାମ ୩-୩ ଏବଂ ତସ୍କିନ୍ ଅହମ୍ମଦ-ମେହେଦି ହାସନ୍ ମିରାଜ ୨-୨ ୱିକେଟ୍ ବାଣ୍ଟିନେଇଥିଲେ। ସୋମବାର ସକାଳେ ବାଂଲାଦେଶ ୧୧୦/୩ରୁ ଏହାର ଅସମାପ୍ତ ଦ୍ୱିତୀୟ ପାଳିକୁ ଆରମ୍ଭ କରି ୩୯୦ ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇଛି।

ମୁସ୍‌ଫିକର ନିଜ ୧୪ତମ ଟେଷ୍ଟ୍ ଶତକ (୧୩୭) ହାସଲ କରିଥିବାବେଳେ ପ୍ରଥମ ପାଳି ଶତକ ପରେ ଲିଟନ୍‌ଦାସ ୬୯ ରନ୍‌ର ପାଳି ଖେଳିଥିଲେ। ଉଭୟ ପଞ୍ଚମ ୱିକେଟ୍ ପାଇଁ ୧୨୩ ରନ୍ ଯୋଡିବାରୁ ଘରୋଇ ଦଳ ଆହ୍ୱାନଭରା ଲକ୍ଷ୍ୟ ଦେଇଛି। ପାକିସ୍ତାନ ପକ୍ଷରୁ ପ୍ରଥମ ପାଳି ଭଳି ଖୁରାମ ସେହଜାଦ ମଧ୍ୟ ଦ୍ୱିତୀୟ ପାଳିରେ ସମାନ ୪ ୱିକେଟ୍ ଅକ୍ତିଆର କରିଛନ୍ତି। ସାଜିଦ୍ ଖାନ୍ ୩ ୱିକେଟ୍ ନେଇଛନ୍ତି। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ପାକିସ୍ତାନ ୨ ଓଭର ଖେଳି କୌଣସି ୱିକେଟ୍ ହରାଇ ନାହିଁ କି ରନ୍ ସଂଗ୍ରହ କରିନାହିଁ। ଦୁଇ ଦିନ ଖେଳ ଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।



ଚେନ୍ନାଇର ଚେପକ ଷ୍ଟାଡିୟମରେ ସିଏସକେ ଦଳ ସହ ଏକ ଭାବାତ୍ମକ ମୁହୂର୍ତ୍ତରେ ମହେନ୍ଦ୍ର ସିଂ ଧୋନୀ।

# ବିସିସିଆଇ ଆର୍‌ଟିଆଇ ପରିସରଭୁକ୍ତ ନୁହେଁ, ପୂର୍ବ ନିର୍ଦ୍ଦେଶରୁ ଓହରିଲେ ସିଆଇସି

ନୂଆଦିଲ୍ଲୀ, ୧୯।୫: କ୍ରିକେଟ ପ୍ରଶାସନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସର୍ବସାଧାରଣ କାର୍ଯ୍ୟକ୍ରମ ପରିଚାଳନା ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତର ପ୍ରତିନିଧିତ୍ୱ ଅଧିକାରରେ ଭାରତର ପ୍ରତିନିଧିତ୍ୱ କରେ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଲାଗି ଖେଳାଳି ଚୟନ କରେ ସେ ସମ୍ପର୍କିତ ସୂଚନା ପାଇଁ ୨୦୧୮ରେ ଏକ ଆବେଦନ ହୋଇଥିଲା। ଉକ୍ତ ଆବେଦନର ଶୁଣାଣି କରି ତତ୍କାଳୀନ ସିଆଇସି ଏମ୍. ଶ୍ରୀଧର ବିସିସିଆଇକୁ ଏକ ସର୍ବସାଧାରଣ ପ୍ରାଧିକରଣ ଭାବେ ବିବେଚନା କରିବା ସହ ଏହାର ସଭାପତି, ସମ୍ପାଦକ ଓ ପ୍ରଶାସନିକ କମିଟିକୁ କେନ୍ଦ୍ରୀୟ ସୂଚନା ଅଧିକାରୀ, ସହାୟକ ସର୍ବସାଧାରଣ ସୂଚନା ଅଧିକାରୀ ଓ ପ୍ରଥମ ଆପିଲିଏଟ୍ ଅଧିକାରୀଙ୍କୁ ଆର୍‌ଟିଆଇ ଅଧୀନରେ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ଆଦେଶକୁ ବିସିସିଆଇ ମାଡ୍ରାସ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଉକ୍ତ ଆବେଦନର ଶୁଣାଣି ସମୟରେ ହାଇକୋର୍ଟ ବିସିସିଆଇ ବନାମ କ୍ରିକେଟ ଆସୋସିଏଶନ ଅଫ୍ ବିହାର ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଉଲ୍ଲେଖ କରିବା ସହ ୨୦୨୫ ସେପ୍ଟେମ୍ବରରେ ସିଆଇସିକୁ ଆଇନଗତ ସ୍ଥିତିର ପୁନଃ ସମୀକ୍ଷା କରି ନୂଆ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହି ମାମଲାର ପୁନଃ ସମୀକ୍ଷା କରିବା ପରେ ସିଆଇସି କହିଛି ଯେ, ବିସିସିଆଇ ଏକ ବ୍ୟକ୍ତିଗତ ସ୍ୱୟଂଚାଳିତ ସଂସ୍ଥା, ଯାହାକି ତାମିଲନାଡୁ ସୋସାଇଟିଜ୍ ରେଜିଷ୍ଟ୍ରେଶନ ଆଇନ ଅଧୀନରେ ପଞ୍ଜୀକୃତ ହୋଇଛି। ଏହାକୁ ସମ୍ବିଧାନ, ସଂସଦ କିମ୍ବା ରାଜ୍ୟ ବିଧାନସଭା କିମ୍ବା ସରକାରଙ୍କ ନିର୍ଦ୍ଦେଶରେ ପ୍ରତିଷ୍ଠା କରାଯାଇନାହିଁ। ତେଣୁ ଏହା ଆର୍‌ଟିଆଇ ପରିସରଭୁକ୍ତ ହେବନାହିଁ।



ସତ୍ତ୍ୱେ ବିସିସିଆଇକୁ ଏକ ସର୍ବସାଧାରଣ ପ୍ରାଧିକରଣ ଭାବେ ବିବେଚନା କରାଯାଇପାରିବ ନାହିଁ। କାରଣ ଏହାର ମାଲିକାନା, ନିୟନ୍ତ୍ରଣ ସରକାର କରୁନାହାନ୍ତି ଏବଂ ଏହା ସରକାରୀ ପାଣ୍ଠି ମଧ୍ୟ ବ୍ୟବହାର କରୁନାହିଁ ବୋଲି ସିଆଇସି ରମେଶ କହିଛନ୍ତି। ବିସିସିଆଇକୁ ଆର୍‌ଟିଆଇ ଆଇନର ଧାରା-୨ (ଜ) ଅଧୀନରେ 'ସର୍ବସାଧାରଣ ପ୍ରାଧିକରଣ' ଭାବେ ବର୍ଗୀକୃତ କରାଯାଇପାରିବ ନାହିଁ। ଏଣୁ ଏହି ଆଇନର ବ୍ୟବସ୍ଥାଗୁଡ଼ିକ ବିସିସିଆଇ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ ବୋଲି ଦର୍ଶାଇଛନ୍ତି। ଏଥିସହ ୨୦୧୮ରେ ତତ୍କାଳୀନ ସୂଚନା କମିଶନର ଏମ୍. ଶ୍ରୀଧର ଆଚାର୍ଯ୍ୟୁଲୁ ଦେଇଥିବା ଆଦେଶରେ ରମେଶ ପରିବର୍ତ୍ତନ ଆଣିଛନ୍ତି।ସୂଚନାଯୋଗ୍ୟ, ବିସିସିଆଇ କେଉଁ

# ୨୦୨୬ ଡବ୍ଲ୍ୟୁପିଏଲ୍ ଦଳ ଲାଗି ପଞ୍ଜାବ କିଙ୍ଗ୍‌ସର ଆଗ୍ରହ

ନୂଆଦିଲ୍ଲୀ:, ୧୯।୫ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଫ୍ରାଞ୍ଚାଇଜି ସଂଖ୍ୟା ବଢ଼ାଇବା ନେଇ ବର୍ତ୍ତମାନ ପାଇଁ କୌଣସି ଯୋଜନା ନଥିବା ବିସିସିଆଇ ସ୍ପଷ୍ଟ କରିଥିବାବେଳେ ଏଥିରେ ଦଳ କିଣିବା ଲାଗି ଆଗ୍ରହ ଦେଖାଇଛନ୍ତି ଆଇପିଏଲ୍ ଫ୍ରାଞ୍ଚାଇଜି ପଞ୍ଜାବ କିଙ୍ଗ୍‌ସର ଅନ୍ୟତମ ମାଲିକ ମୋହିତ ବର୍ମନ । ସେ କହିଛନ୍ତି ଯେ କମ ସମୟ ମଧ୍ୟରେ ମହିଳା କ୍ରିକେଟ୍ କ୍ଷେତ୍ରରେ ଡବ୍ଲ୍ୟୁପିଏଲ୍ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚରେ ପରିଣତ ହୋଇଛି। ମହିଳା କ୍ରିକେଟ୍‌ର ବି ଚମତ୍କାର ଅଭିବୃଦ୍ଧି ହୋଇଛି। ପୂର୍ବରୁ ଏଥିରେ ନିବେଶ ନ କରିବା ଅର୍ଥ ଏହା ନୁହେଁ ଯେ ତାଙ୍କର ମହିଳା କ୍ରିକେଟ୍‌ରେ ଆଗ୍ରହ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି," ବ୍ୟକ୍ତିଗତଭାବେ ମୁଁ ଭାବୁଛି ଯେ ମହିଳା କ୍ରିକେଟ୍‌ର ଭବିଷ୍ୟତ ଉଜ୍ଜଳ। ଆମେ ଏକ ମହିଳା ଆଇପିଏଲ୍ ଦଳ କିଣିବାକୁ ପସନ୍ଦ କରିବୁ।''

ସୂଚନାଯୋଗ୍ୟ ଯେ ମହିଳା ପ୍ରିମିୟର୍ ଲିଗ୍‌ରେ ଏବେ ପାଞ୍ଚଟି ଫ୍ରାଞ୍ଚାଇଜି ଥିବାବେଳେ ସେଗୁଡ଼ିକ ମଧ୍ୟରୁ ତିନୋଟି ଦଳ ଆଇପିଏଲ୍ ଫ୍ରାଞ୍ଚିଇଜି ସହ ସମ୍ପର୍କିତ। ସେଗୁଡ଼ିକ ହେଉଛି ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍ସ। ଅନ୍ୟ ଦୁଇଟି ଦଳ ଗୁଜରାଟ ଜାୟାଣ୍ଟ୍‌ସ ଓ ୟୁପି ୱାରିୟର୍ସ କୌଣସି ଆଇପିଏଲ୍ ଫ୍ରାଞ୍ଚାଇଜି ସହ ସଂପୃକ୍ତ ନାହାନ୍ତି। ତେବେ ଆଇପିଏଲ୍ ଫ୍ରାଞ୍ଚାଇଜି ମାନଙ୍କ ମଧ୍ୟରେ ଡବ୍ଲ୍ୟୁପିଏଲ୍ ଦଳ କିଣିବା ଆଗ୍ରହ ବଢିବାରେ ଲାଗିଛି। ଏହା ପୂର୍ବରୁ ଚେନ୍ନାଇ ସୁପକିଙ୍ଗସ୍ ସିଇଓ କାଶୀ ବିଶ୍ୱନାଥନ୍ ବି ଡବ୍ଲ୍ୟୁପିଏଲ୍ ଦଳ କିଣିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ।

# ପୂର୍ବତନ ଅଧିନାୟକଙ୍କ ପରଲୋକ

ନୂଆଦିଲ୍ଲୀ, ୧୯।୫: ଆଇପିଏଲ ୨୦୨୬ ମଧ୍ୟରେ ଇଂଲଣ୍ଡରୁ ଏକ ଦୁଃଖଦ ଖବର ଆସିଛି। ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକ ସ୍ମିଥ ୯୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସୋମବାର ତାଙ୍କ ଦେହାନ୍ତ ଖବର ଶେୟାର କରିଛି। ବୋର୍ଡ ଲେଖିଛି,ଖେଳ ପ୍ରତି ତାଙ୍କର ଅବଦାନ ହେବ ନାହିଁ। ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକ 'ଗଔକ' ସ୍ମିଥଙ୍କ ୯୨ ବର୍ଷ ବୟସରେ ମୃତ୍ୟୁରେ ଇଂଲଣ୍ଡ କ୍ରିକେଟ ବୋର୍ଡ ଦୁଃଖିତ।



ଏହା ଉଲ୍ଲେଖନୀୟ ଯେ, ସ୍ମିଥ ତାଙ୍କର ପ୍ରଥମ ଅକ୍ଷର 'ଗଔକ' ଦ୍ୱାରା ବହୁଳ ଭାବରେ ଜଣାଶୁଣା ଥିଲେ। ମାଇକ ସ୍ମିଥ ଇଂଲଣ୍ଡ ପାଇଁ ୫୦ଟି ଟେଷ୍ଟ ମ୍ୟାଚ ଖେଳିଥିଲେ। ଏଥିମଧ୍ୟରୁ ସେ ୨୫ଟି ମ୍ୟାଚରେ ଦଳର ଅଧିନାୟକତ୍ୱ କରିଥିଲେ। ସେ ଜୁନ ୧୯୫୮ରେ ବର୍ମିଂହାମରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ,। ସେ ଜୁଲାଇ ୧୯୭୨ରେ ନଟିଂହାମରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କ କ୍ୟାରିଅରର ଶେଷ ଟେଷ୍ଟ ଖେଳିଥିଲେ।ସ୍ମିଥ ପ୍ରଥମ ଶ୍ରେଣୀ କ୍ରିକେଟରେ ପ୍ରାୟ ୪୦,୦୦୦ ରନ ସ୍କ?ର କରିଥିଲେ। ଏହା ସହିତ, ସେ ଲିଷ୍ଟ ଏ ମ୍ୟାଚରେ ମଧ୍ୟ ଅବଦାନ ଦେଇଥିଲେ। ଶୀର୍ଷ କ୍ରମରେ ବ୍ୟାଟିଂ ପାଇଁ ପ୍ରସିଦ୍ଧ ଏହି ଖେଳାଳି ପ୍ରଥମ ଶ୍ରେଣୀ କ୍ରିକେଟରେ ୫ ଉଇକେଟ ମଧ୍ୟ ନେଇଥିଲେ।

ତାଙ୍କ ଟେଷ୍ଟ କ୍ୟାରିୟରରେ କହିବାକୁ ୫୦ ମ୍ୟାଚରେ ୭୮ ଇନିଂସରେ ବ୍ୟାଟିଂ କରି ମାଇକ ୩୧.୬୩ ହାରରେ ୨,୨୭୮ ରନ କରିଥିଲେ। ଏହି ସମୟ ମଧ୍ୟରେ ସେ ୩ ଶତକ ଏବଂ ୧୧ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କର ସର୍ବାଧିକ ସ୍କ?ର ୧୨୧ ରନ ଥିଲା। ଏହା ବ୍ୟତୀତ, ସେ ବୋଲିଂ କରି ଗୋଟିଏ ଉଇକେଟ୍? ମଧ୍ୟ ନେଇଥିଲେ।

# ଶ୍ରୀଲିଲା ଓ ତିଳକଙ୍କ ସଂପର୍କକୁ ନେଇ ଚର୍ଚ୍ଚା

ମୁମ୍ବାଇଲ, ୧୯।୫: ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଶ୍ରୀଲିଲା ଏବଂ ଭାରତ ତଥା ମୁମ୍ବାଇ ଇଣ୍ଡିଆନ୍ସର ବାମହାତୀ ବ୍ୟାଟର୍ ତିଳକ ବର୍ମାଙ୍କ ସଂପର୍କକୁ ନେଇ ସାମାଜିକ ଗଣମାଧ୍ୟମରେ ଏବେ ଚର୍ଚ୍ଚା ଜୋର ଧରିଛି। ଉଭୟ ଏକାଠି କେଣସି କାର୍ଯ୍ୟକ୍ରମ କିମ୍ବା ସାମାଜିକ ଅନୁଷ୍ଠାନରେ ଯୋଗ ଦେଇ ନଥିଲେ ବି ଲୁଚି ଲୁଚି ପରସ୍ପରକୁ ପ୍ରେମ କରୁଥିବା କୁହାଯାଉଛି।

ତିଳକ ଏବଂ ସାଥୀ କ୍ରିକେଟର୍ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ଶ୍ରୀଲିଲାଙ୍କୁ ନେଇ ମଜାଦାର ଭାବ ଆଦାନପ୍ରଦାନର ଭିଡିଓ ପଦାକୁ ଆସିବା ଏଭଳି ଚର୍ଚ୍ଚାକୁ ଆହୁରି ବଳ ଯୋଗାଇଥିଲା। ଶ୍ରୀଲିଲା ମା' ଡକ୍ଟର ସ୍ୱର୍ଣ୍ଣଲତା କିନ୍ତୁ ଏହାକୁ ଏକ ଗୁଜବ ଦର୍ଶାଇଛନ୍ତି। ଶ୍ରୀଲିଲା ସଂପ୍ରତି ନିଟ୍-ପିଜି (ସ୍ନାତକୋତ୍ତର) ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ଏଣୁ ତାଙ୍କ ପାଖରେ ଏସବୁ କଥାରେ ମୁଣ୍ଡ ଖେଳାଇବାକୁ ସମୟ ନାହିଁ।ଏଭଳି ଚର୍ଚ୍ଚାରେ କେଣସି ସତ୍ୟତା ନଥିବା ଶ୍ରୀଲିଲାଙ୍କ ପିଆର୍ ଟିମ୍ ପକ୍ଷରୁ ମଧ୍ୟ କୁହାଯାଇଛି। ସେହିଭଳି ଯେ କେଣସି ପ୍ରକାର ଗୁଜବ ଓ ଚର୍ଚ୍ଚାରୁ ଦୂରେଇ ରହିବା ଲାଗି ଶ୍ରୀଲିଲାଙ୍କୁ ତିଳକ ଇନ୍‌ଷ୍ଟାଗ୍ରାମ୍‌ରେ ଅନ୍‌ଫଲୋ କରି ଦେଇଥିବା ଜଣାପଡ଼ିଛି।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe lk